
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 APRIL 2023
Vol.No. 34 ■ No. 103 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜନସଂଖ୍ୟାରେ ଚୀନକୁ ଟପିଲା ଭାରତ

ନୂଆଦିଲ୍ଲୀ, ୧୯/୦୪ : ଜନସଂଖ୍ୟାରେ ଚୀନକୁ ପଛରେ ପକାଇଦେଇଛି ଭାରତ । ୧୪୨ କୋଟି ୮୬ ଲକ୍ଷ ଜନସଂଖ୍ୟା ସହ ବିଶ୍ୱର ସବୁଠୁ ଜନବହୁଳ ଦେଶର ମାନ୍ୟତା ପାଇଛି ଭାରତ । ବିଶ୍ୱ ଜନସଂଖ୍ୟାକୁ ନେଇ ବୁଧବାର ଜାତିସଂଘ ପ୍ରକାଶ କରିଥିବା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି । ଚୀନର ଜନସଂଖ୍ୟା ୧୪୨ କୋଟି ୫୭ ଲକ୍ଷ ରହିଥିବା ବେଳେ ଭାରତର ଜନସଂଖ୍ୟା ୧୪୨ କୋଟି ୮୬ ଲକ୍ଷ ଥିବା ରିପୋର୍ଟରେ ପ୍ରକାଶ ପାଇଛି । ୧୯୫୦, ଯେବେଠୁ ଜନସଂଖ୍ୟା ଗଣନା ଆରମ୍ଭ ହୋଇଥିଲା ସେବେଠୁ ଚୀନ ସବୁଠୁ ଜନବହୁଳ ଦେଶର ମାନ୍ୟତା ପାଇଥିଲା । ଏବେ ଆୟତନ ଅନୁସାରେ ଭାରତ ବିଶ୍ୱର ସପ୍ତମ ବୃହତ ଦେଶ ହୋଇଥିବା ବେଳେ ଜନସଂଖ୍ୟାରେ ଏକ ନମ୍ବରରେ ପହଂଚିଛି । ଯାହା ଭାରତର ଚିନ୍ତା ବଢାଇବ ବୋଲି କୁହାଯାଉଛି । ସେପଟେ ଜନ୍ମହାର ବୃଦ୍ଧି ଚାହୁଁଥିବା ଚୀନପାଇଁ ବି ଚିନ୍ତା ବଢାଇଛି । କୋଭିଡ ମହାମାରୀ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ଚୀନରେ ଜନସଂଖ୍ୟା କମିବାରେ ଲାଗିଛି ଏବଂ ଚୀନର



ଜନସଂଖ୍ୟାର ଅଧାରୁ ଅଧିକ ବୟସ୍କ । ସେପଟେ ଚୀନରେ ପିଲା ଜନ୍ମହାର ମଧ ପୂର୍ବ ତୁଳନାରେ ଭାବେ କମିଛି । ଜନ୍ମହାର ବୃଦ୍ଧି ପାଇଁ ଜିନପିଙ୍ଗ ସରକାର ଚେଷ୍ଟା ଜାରି ରଖିଥଲେ ବି ତାହା ଏତେଟା ସଫଳ ହୋଇନାହିଁ । ଜନସଂଖ୍ୟା କମାଇବା ପାଇଁ ଭାରତ ସରକାରଙ୍କ ଲୋଭନୀୟ ଯୋଜନା ସତ୍ତ୍ୱେ ଭାରତରେ ଜନସଂଖ୍ୟା ବଢିବାରେ ଲାଗିଛି । ଯେଉଁଥିପାଇଁ ଏବେ ଆମ ଦେଶରେ ବେକାରୀ ଏକ ମୁଖ୍ୟ ସମସ୍ୟା ହୋଇ ଠିଆହୋଇଛି । ଏପରି ସ୍ଥିତିରେ ଜନସଂଖ୍ୟା ବୃଦ୍ଧି ମୋଦୀ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିବ କୁହାଯାଉଛି । ଏବେ ଭାରତର ଜନସଂଖ୍ୟାରୁ ଅଧାରୁ ଅଧିକ ଯୁବପିଢି, ଯେଉଁମାନଙ୍କର ବୟସ ୩୦ ବଷରୁ କମ୍ । ଜନସଂଖ୍ୟା ବଢିବା ଦ୍ୱାରା ଭାରତର ଗରିବଙ୍କ ସଂଖ୍ୟା ବଢିବ, ସାମାଜିକ ଅସ୍ଥିରତା ବଢିବ, ଆୟ କମିବ, ପରିବେଶ ପାଇଁ ଯୋଗଦାନ ମଧ କମିବ । ଭାରତ ଏବେ ବିଶ୍ୱର ଏକ ନମ୍ବର ଜନବହୁଳ ଦେଶ ହୋଇଥିବା ବେଳେ ଚୀନ ଦ୍ୱୀତିୟ, ଆମେରିକା ତୃତୀୟରେ ଅଛି । ଜନସଂଖ୍ୟାରେ ୨୦୫୦ ସୁଦ୍ଧା ଭାରତ ଚୀନକୁ ଟପିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା । କିନ୍ତୁ ଏହାର ୨୫ ବର୍ଷ ପୂର୍ବରୁ ଭାରତ ଏହି ସୀମା ଅତିକ୍ରମ କରିଯାଇଛି । କୃଷି ଏବଂ ଶିଳ୍ପ ପାଇଁ ଅନୁକୂଳ ପରିବେଶ ଭାରତର ବର୍ଦ୍ଧିତ ଜନସଂଖ୍ୟାର ଅନ୍ୟ ଏକ କାରଣ । କିନ୍ତୁ ଲୋଭନୀୟ ଯୋଜନା ସତ୍ତ୍ୱେ ଜନସଂଖ୍ୟା କାହିଁକି ବଢୁଛି ତାର ତର୍ଜମା କରିବା ଦରକାର । ତେବେ ଭାରତ ଏବେ ବିଶ୍ୱର ସବୁଠୁ ପ୍ରଗତିଶୀଳ ଅର୍ଥନୀତି ହୋଇଥିବାରୁ ଜନସଂଖ୍ୟା ବୃଦ୍ଧି ଏତେଟା ପ୍ରଭାବ ପକାଇନପାରେ ବୋଲି କୁହାଯାଉଛି ।

## ବାପାଙ୍କଠୁ ବିବାହ ଖର୍ଚ୍ଚ ପାଇବା ଝିଅଙ୍କ ଅଧିକାର

ନୂଆଦିଲ୍ଲୀ, ୧୯/୦୪ : ବାପା-ମାଆଙ୍କ ସମ୍ପତିରେ ଝିଅର ଅଧିକାରକୁ ନେଇ ଆଇନ ରହିଆସିଥିବା ବେଳେ ଝିଅଙ୍କର ଆଉ ଏକ ଅଧିକାର ନେଇ ଆସିଛି ଗୁରୁତ୍ୱପୂର୍ଣ୍ଣ ରାୟ । ଅବିବାହିତ ଝିଅଙ୍କର ବିବାହ ଖର୍ଚ୍ଚ ଉଠାଇବେ ବାପା । ଅର୍ଥାତ୍ ନିଜ ଅଧିକାର ଭାବେ ବାପାଙ୍କ ଠାରୁ ଏଖର୍ଚ୍ଚ ଦାବି କରିପାରିବେ ସବୁ ଝିଅ । ଏକ ମାମଲାର ଶୁଣାଣି କରି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି କେରଳ ହାଇକୋର୍ଟ । ସେ ଯେକୌଣସି ଧର୍ମର ହୋଇଥିଲେ ବି ବାପାଙ୍କଠୁ ଯୁକ୍ତିଯୁକ୍ତ ବିବାହ ଖର୍ଚ୍ଚ ପାଇବାର ଅଧିକାର ସବୁ ଝିଅଙ୍କର ଅଛି । ଦୁଇ ଜଣ ଖ୍ରୀଷ୍ଟିୟାନ ଝିଅ ତାଙ୍କ ବିବାହ ଖର୍ଚ୍ଚ, ବାପାଙ୍କ ଅସ୍ଥାବର ସମ୍ପତି ଏବଂ ସେଥିରୁ ମିଳୁଥିବା ଲାଭରୁ ପାଇବାର ଅଧିକାର ଅଛି କି ବୋଲି ପ୍ରଶ୍ନ କରିଥିଲେ । ଏହି



ମାମଲାର ଶୁଣାଣି କରି ଜଷ୍ଟିସ୍ ଅନିଲ କେ ନରେନ୍ଦ୍ରନ ଏବଂ ଜଷ୍ଟିସ୍ ପିଜି ଅଜିତକୁମାର ଏଭଳି ରାୟ ଦେଇଛନ୍ତି । ବାପାଙ୍କ ଅସ୍ଥାବର ସମ୍ପତିରୁ ବିବାହ ଖର୍ଚ୍ଚ ପାଇବା ଅଧିକାର ଅଛି କି ବୋଲି ପ୍ରଶ୍ନ କରିଥିଲେ ଖ୍ରୀଷ୍ଟିଆନ ଯୁବତୀ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ କହିଛନ୍ତି, ଟ୍ରାନ୍ସଫର ଅଫ ପ୍ରୋପଟି ଆକ୍ଟ ଧାରା ୩୯ ଅନୁସାରେ ସବୁ ଅବିବାହିତ ଝିଅ ବାପାଙ୍କ ଠୁ ଯୁକ୍ତିଯୁକ୍ତ ବିବାହ ଖର୍ଚ୍ଚ ପାଇବାର ଅଧିକାର ରଖନ୍ତି । ଧର୍ମ ଆଧାରରେ ଝିଅଙ୍କୁ ଏହୁ ଅଧିକାହରୁ ବଂଚିତ କରାଯାଇପାରିବ ନାହିଁ । ଭାରତୀୟ ସମ୍ବିଧାନରେ ହିନ୍ଦୁ ବିବାହ ଆଇନ ଅନୁସାରେ ଅବିବାହିତ ଝିଅ ତାଙ୍କ ପରିବାରଠୁ ବିବାହ ଖର୍ଚ୍ଚ ପାଇପାରିବେ । ହିନ୍ଦୁ ଆଡପସନ୍ସ ଏବଂ ମେଟେଂନାନନ୍ସ ଆକ୍ଟ ୧୯୫୬ ଅନୁଯାୟୀ ଅବିବାହିତ ଝିଅ ତାଙ୍କ ବାପା,ମାଆଙ୍କଠୁ ବିବାହ ଖର୍ଚ୍ଚ ପାଇଁ ଦାବି କରିପାରିବେ । ୨୦୨୨ ଏପ୍ରିଲ ମାସରେ ଛତିଶଗଡ ହାଇକୋର୍ଟ ଏଭଳି ଏକ ମାମଲାର ଶୁଣାଣି କରି ବାପାଙ୍କୁ ବିବାହ ଖର୍ଚ୍ଚ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ହିନ୍ଦୁ ଧର୍ମ ବ୍ୟତୀୟ ଅନ୍ୟ କୌଣସି ଧାର୍ମିକ ଆଇନରେ ଏସବୁ ଉପରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ବାପାଙ୍କ ଠୁ ଅଲଗା ହୋଇ ମାଆଙ୍କ ସହ ରହୁଥିବା ଦୁଇ ଝିଅ ବିବାହ ଖର୍ଚ୍ଚ ପାଇଁ କେରଳର ପାଲକଡ ଫେମିଲି କୋର୍ଟରେ ଆବେଦନ କରିଥିଲେ । ବିବାହ ଖର୍ଚ୍ଚ ବାବଦକୁ ୪୫ ଲକ୍ଷ ୯୨ ହଜାର ୬୦୦ ଟଙ୍କା ବାପାଙ୍କ ସମ୍ପତିରୁ ପାଇବାକୁ କୋର୍ଟରେ ଦାବି କରିଥିଲେ । ଯାହାକୁ ବିଚାରକୁ ନେଇ ଐତିହାସିକ ରାଜ୍ୟ ଶୁଣାଣିଛନ୍ତି କୋର୍ଟ ।

## ଅତିକ ହତ୍ୟା ଘଟଣା: ସସ୍‌ପେଣ୍ଡ ହେଲେ ୫ ପୁଲିସ୍ କର୍ମୀ

ନୂଆଦିଲ୍ଲୀ, ୧୯/୦୪ : ଗତ ଶନିବାର ଉତ୍ତରପ୍ରଦେଶର ପ୍ରୟାଗରାଜରେ କଡ଼ା ପୁଲିସ୍ ସୁରକ୍ଷା ବଳୟ ମଧ୍ୟରେ ଗଣମାଧ୍ୟମ ସମ୍ମୁଖରେ ରାଜନେତାରୁ ଗ୍ୟାଙ୍ଗଷ୍ଟାର ପାଲଟିଥିବା ଅତିକ ଅହମଦ ଓ ତାଙ୍କ ଭାଇ ଅଶରଫଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏସଆଇଟି ଏହି ଘଟଣାର ତଦନ୍ତ କରୁଛି। ଏସଆଇଟି ତଦନ୍ତ ଆଧାରରେ ୫ ପୁଲିସ୍ କର୍ମୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ସସ୍‌ପେଣ୍ଡ କରିଛନ୍ତି



ରାଜ୍ୟ ସରକାର। ନିଲମ୍ବିତ ହୋଇଥିବା ପୁଲିସ୍ କର୍ମୀଙ୍କ ମଧ୍ୟରେ ଶାହାଗଞ୍ଜର ଇନ୍ସପେକ୍ଟର ଅଶ୍ୱିନୀ ସିଂ, ଦୁଇ ସବ୍-ଇନ୍ସପେକ୍ଟର ଏବଂ ଦୁଇ ଜଣ କନଷ୍ଟେବଳ ଥିବା ଜଣାଯାଇଛି। ଅତିକ ଓ ଅଶରଫଙ୍କ ସୁରକ୍ଷାରେ ନିୟୋଜିତ ପୁଲିସ୍ କର୍ମୀଙ୍କୁ ଗତକାଲି ଏସଆଇଟି ଅଧିକାରୀ ପଚରାଉଚରା କରିଥିଲେ। ଏହାପରେ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଲିସ୍‌ର କଡ଼ା ସୁରକ୍ଷା ବଳୟରେ ମେଡିକାଲ ଚେକଅପ୍ ପାଇଁ ଯାଉଥିବା ଅତିକ ଓ ଅଶରଫଙ୍କୁ ୩ ହତ୍ୟାକାରୀ ସାମ୍ବାଦିକ ବେଶରେ ଆସି ପାଖରୁ ଗୁଳି କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ୨ ଭାଇ ଆଖି ବୁଜିଥିବା ବେଳେ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଉତ୍ତରପ୍ରଦେଶ ସରକାରଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଥିବା ବେଳେ ଏହାର ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାବାଦ ଏଥିନିମନ୍ତେ ଏକ କମିଟି ଗଠିତ ହୋଇଥିବା ବେଳେ ୩ ମାସରେ ଏହା ରିପୋର୍ଟ ପ୍ରଦାନ କରିବ ବୋଲି ଜଣାଯାଇଛି।

## ସବୁ ଅକ୍ଷୟ ପରିଜାଙ୍କ ଚକ୍ରାନ୍ତ : ଜଗବନ୍ଧୁ

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜା ଚକ୍ରାନ୍ତ କରି ତାଙ୍କୁ ଫସାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଅର୍ଚ୍ଚନା ନାଗ ସ୍ୱାମୀ ଜଗବନ୍ଧୁ । କ୍ୟାପିଟାଲ ହସ୍ପିଟାଲ ନେବା ବେଳେ ଜଗବନ୍ଧୁ ସାମ୍ବାଦିକ ମାନଙ୍କୁ ଏହି ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ଶ୍ରଦ୍ଧାଞ୍ଜଳିଙ୍କୁ ଟଙ୍କା ଲାଳସା ଦେଖାଇ ଆମ ନାଁରେ ଅଠା ବୋଳିଛନ୍ତି । ଶ୍ରଦ୍ଧାଞ୍ଜଳିଙ୍କୁ ଲୁଚାଇ ରଖାଯାଇଛି । ତାଙ୍କୁ ଶୀଘ୍ର ବାହାର କରନ୍ତୁ । ଆମେ କାହାକୁ ପଇସା ମାଗିନୁ । ସବୁ ମିଛ କଥା । ସମୟ ଆସିଲେ ସବୁ କହିବୁ ବୋଲି ସେ କହିଛନ୍ତି ।

## ଅତିକ ହତ୍ୟା ଘଟଣା ପରେ ମୁଖତାର ଅନସାରୀକୁ ଡର : ରାଷ୍ଟ୍ରପତିଙ୍କୁ ମାଗିଲେ ସୁରକ୍ଷା

ନୂଆଦିଲ୍ଲୀ, ୧୯/୦୪ : ଅସଦର ଏନକାଉଣ୍ଟର ଓ ପରେ ପରେ ଅତିକ୍ ଓ ଅସରଦ ଅହମଦଙ୍କ ହତ୍ୟା ଘଟଣା ପରେ ମୁଖତାର ଅନସାରୀର ଡର ବଢିଯାଇଛି । ମୁଖତାରର ଭାଇ ଅଫଜାଲ ମଧ ହତ୍ୟା ଆଶଙ୍କା କରିଛି । କାରଣ ମୁଖତାରର କ୍ରାଇମ ହିଷ୍ଟ୍ରି ଅତିକ ଅହମଦ ପରି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁଖତାର ବିରୋଧରେ ଲଗାତାର କାର୍ଯ୍ୟାନୁଷ୍ଠାନ କରୁଥିବା ସୂଚନା ରହିଛି । ଆଦିତ୍ୟନାଥଙ୍କ ଟାର୍ଗେଟରେ ଏବେ ୬୦ରୁ ଅଧିକ ମାଫିଆ ଓ ଗ୍ୟାଙ୍ଗଷ୍ଟର ଅଛନ୍ତି, ଯେଉଁଥିରେ ମୁଖତାରର ନାଁ ରହିଛି । ପ୍ରୟାଗରାଜରେ ନିକଟରେ ଗ୍ୟାଙ୍ଗଷ୍ଟର ଅତିକ୍ ଅହମଦ ଓ ଅସ୍ରଦ ଅହମଦଙ୍କୁ



ଯେପରି ଭାବେ ସର୍ବସମକ୍ଷରେ ପୁଣି ପୁଲିସ ସୁରକ୍ଷା ଭିତରେ ହତ୍ୟା କରାଗଲା ତା ପରେ ୟୁପିର ଅନ୍ୟ ମାଫିଆଙ୍କ ମନରେ ଛନକା ପଶିଛି । ଏପ୍ରିଲ ୨୯ ତାରିଖରେ ଗାଜିପୁର କୋର୍ଟରେ ମୁଖତାରର ଶୁଣାଣି ହେବାର ଅଛି । ତେଣୁ ଜେଲରୁ କୋର୍ଟ ଯିବାକୁ ଡରୁଛି ମୁଖତାର । ତେଣୁ ରାଷ୍ଟ୍ରପତିଙ୍କୁ ନିଜ ସୁରକ୍ଷା ନେଇ ଗୁହାରୀ କରିବା ପରେ ମୁଖତାର ଅନସାରୀର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ସମ୍ବଲପୁରରେ ଆଉ ୨୪ ଘଂଟା ପାଇଁ ଇଂଟରନେଟ୍ ବନ୍ଦ

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ସମ୍ବଲପୁରରେ ଆଉ ୨୪ ଘଂଟା ପାଇଁ ଇଂଟରନେଟ୍ ସେବା ବନ୍ଦ ରଖାଯାଇଛି । ଆସନ୍ତାକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଇଂଟରନେଟ୍ ବନ୍ଦ ରହିବ। ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତି ଅନୁସାରେ କିଛି ଅଂଚଳରେ ଇଂଟରନେଟ୍ ଚାଲୁ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଲିଜ୍ ଲାଇନ୍ ନେଇଥିବା ବ୍ୟବସାୟିକ ଅନୁଷ୍ଠାନରେ ଇଂଟରନେଟ୍ ଚାଲୁ ରହିବ। କୁଚିଣ୍ଡା, ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମରାରେ ଇଂଟରନେଟ୍ ଉପଲବ୍ଧ ରହିବ।

## ଦୁଇ ଦିନ ପରେ ତାତିରୁ ମିଳିବ ସାମାନ୍ୟ ଆଶ୍ୱସ୍ତି !

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଦୁଇ ଦିନ ପରେ ତାତିରୁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି। ଅର୍ଥାତ ୨୧ ତାରିଖ ପରେ ରାଜ୍ୟରେ ତାପମାତ୍ରା କମିବା ସମ୍ଭାବନା ରହିଛି। ଗୁରୁଚାପ ବଳୟ ପ୍ରଭାବରେ ଆସନ୍ତା ଦୁଇ ଦିନ ପରେ ତାପମାତ୍ରା ହ୍ରାସ ହୋଇପାରେ। ୨୨ ଓ ୨୩ ତାରିଖରେ ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏନେଇ ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍ ଅନୁସାରେ ୨୧ ତାରିଖ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ କେତେକ ସ୍ଥାନରେ ଘଡଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ▶▶ପୃଷ୍ଠା ୭

## ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛି ଏସିଆର ବିଭିନ୍ନ ଦେଶ

ନୂଆଦିଲ୍ଲୀ, ୧୯/୦୪ : ଏସିଆର ଅଧିକାଂଶ ଦେଶରେ ଏବେ ଅନୁଭୂତ ହେଉଛି ପ୍ରଚଣ୍ଡ ତାତି । ଭାରତ, ଚୀନ, ଥାଇଲ୍ୟାଣ୍ଡ, ବାଙ୍ଗଲାଦେରେ ସବୁଠୁ ଅଧିକ ରୌଦ୍ରତାପ ଜାରି ରହିଛି । ଏପ୍ରିଲମାସର ହିଟୱେଭ ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି । ଏସିଆ ମହାଦେଶ ଇତିହାସରେ ଏହା ସବୁଠୁ ଅଧିକ ତଥା ରେକର୍ଡସ୍ତର ତାପମାତ୍ରା ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି । ଚୀନର ୯୦ପ୍ରତିଶତ ସ୍ଥାନରେ ରେକର୍ଡସ୍ତରରେ ଗରମ ଅନୁଭୂତ ହେଉଛି । ସେହିପରି ଥାଇଲ୍ୟାଣ୍ଡ ମଧ ସମାନ ସ୍ଥିତି ଦେଇ




ଗତି କରୁଛି । ଏଠାରେ ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲିୟସ ଉପରେ ରହୁଛି । ବାଙ୍ଗଲାଦେଶରେ ଜଳବାୟୁ ସଙ୍କଟ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସେହପରି ଭାରତରେ ମଧ ରେକର୍ଡସ୍ତରରେ ଗରମ ଅନୁଭୂତ ହେଉଛି । ବିଶେଷ କରି ପୂର୍ବତର ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଉପରେ ରହୁଛି ।

## ମହାନଦୀ ପ୍ରସଙ୍ଗରେ ରାଜନୈତିକ ବୟାନବାଜି

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ତେଜିଛି ରାଜନୀତି । ମହାନଦୀ ଟ୍ରିବ୍ୟୁନାଲକୁ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ବୟାନ ପରେ ତେଜିଛି ରାଜନୈତିକ ବୟାନବାଜି । ଅନ୍ୟପଟେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ର ଧମତରି ଜିଲ୍ଲାର ରଙ୍ଗରେଲ ଓ ସିହାୱା ଡ୍ୟାମ ବୁଲି ଦେଖିଛନ୍ତି ମହାନଦୀ ଟ୍ରିବ୍ୟୁନାଲର ସଦସ୍ୟ । ଛତିଶଗଡ଼ ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଓଡ଼ିଶାର କିଛି ଅଧିକାରୀ ମଧ ଉପସ୍ଥିତ ରହିଥିବା ଜଣାପଡିଛି । କିନ୍ତୁ ଗଣମାଧମକୁ ଏହି କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଇଛି । ଏପଟେ ମହାନଦୀ ଟ୍ରିବ୍ୟନାଲକୁ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ବୟାନ ପରେ ତେଜିଛି ରାଜନୈତିକ ବୟାନବାଜି । ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ଏପଟେ କଂଗ୍ରେସ ମଧ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛି । ରାଜନୈତିକ ବୟାନବାଜି ଭିତରେ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି, ମହାନଦୀ ଉପରେ ଓଡ଼ିଶାର ଅଧିକାର ରହିଛି । ବେଆଇନ ଭାବେ ୪୦ରୁ ଅଧିକ ବ୍ୟାରେଜ ନିର୍ମାଣ କରିଛି ଛତିଶଗଡ଼ । ସୂଚନାଯୋଗ୍ୟ ଯେ, ମହାନଦୀର ପାଣିକୁ ଖରାଦିନେ ଅଟକାଇ ରଖୁଛି ଛତିଶଗଡ଼ । ଅଣମୌସୁମୀ ସମୟରେ ଶୁଖିଲା ପଡୁଛି ଓଡ଼ିଶା ପଟେ ଥିବା ମହାନଦୀ ଓ ଏହାର ଶାଖା ନଦୀ । ଫଳରେ ପାଣି ଅଭାବରୁ ଅଧା ଓଡ଼ିଶାରେ ହାହାକାର ପରିସ୍ଥିତି ସୃଷ୍ଟି ହେଉଛି ।

## ପୋଷ୍ଟମର୍ଟମ ରିପୋର୍ଟ ଦେବାକୁ ଲାଂଚ ନେଉଥିଲେ ମେଡିକାଲ ଅଫିସର

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜଣେ ମେଡିକାଲ ଅଫିସର। ତାଙ୍କ ସହ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡକୁ ମଧ୍ୟ ଅଟକ ରଖିଛି ଭିଜିଲାନ୍ସ। ଅଭିଯୁକ୍ତମାନେ ହେଉଛନ୍ତି ଯାଜପୁର ଜିଲ୍ଲା ଦାନଗଦି ସିଏଚସିର ମେଡିକାଲ ଅଫିସର ଡା ପବିତ୍ର କୁମାର ସେଠୀ ଓ ସିକ୍ୟୁରିଟି ଗାର୍ଡ ଅଭିରାମ କାଣ୍ଡି। ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୩୧ ତାରିଖରେ ଦାନଗଦି ଅଂଚଳରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ହେଲେ ମୃତକଙ୍କ ପରିବାର ଲୋକଙ୍କୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଦିଆଯାଉନଥିଲା। ମୃତକଙ୍କ ପୁଅ ବାରମ୍ବାର ଦାନଗଦି ସିଏଚସି ଆସି ନିରାଶ ହୋଇ ଫେରୁଥିଲେ। ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ମୃତକଙ୍କ ପରିବାରକୁ ସରକାର ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଥାନ୍ତି। ଏହି ମାମଲାରେ ଡାକ୍ତରଖାନାର ସିକ୍ୟୁରିଟି ଗାର୍ଡ ଅଭିରାମ କାଣ୍ଡିଙ୍କ ମାଧ୍ୟମରେ ଡାକ୍ତର ସେଠୀ ୨୦ ହଜାର ଟଙ୍କା ଲାଂଚ ମାଗିଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ପୁଅ ଏନେଇ କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଆଜି ମୃତକଙ୍କ ପୁଅ ଲାଂଚ ଟଙ୍କା ଦେଉଥିଲେ। ସେହି ସମୟରେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ସିକ୍ୟୁରିଟି ଗାର୍ଡ ଶ୍ରୀ କାଣ୍ଡି ଓ ଡାକ୍ତର ସେଠୀଙ୍କୁ ଧରିଥିଲେ। ଏପରିକି ସେମାନଙ୍କଠାରୁ ଲାଂଚ ଟଙ୍କା ଜବତ କରିଥିଲେ। ଉଭୟଙ୍କ ଅଟକ ରଖି ଜେରା କରାଯାଉଛି।

## ୧ କିଲୋରୁ ଅଧିକ ଧଳା ଜହର ଜବତ ମାମଲା — ୨ ଆସାମୀଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡ

ବାଲେଶ୍ୱର, ୧୯/୦୪ (ନି.ପ୍ର): ଏକ କିଲୋଗ୍ରାମରୁ ଅଧିକ ଓଜନର ଧଳା ଜହର ଜବତ ହୋଇଥିବା ମାମଲାର ବିଚାର କରି ବାଲେଶ୍ୱରର ଓପିଆଇଡି ସ୍ପେଶାଲ ଜଜ ବିଶ୍ୱଜିତ ଦାସ ଦୁଇ ଅଭିଯୁକ୍ତ ଶେଖ ଜମିର ଓ ପ୍ରଭାତ କୁମାର ସେଠୀଙ୍କୁ ଦୋଷୀ ସାବ୍ୟସ୍ତ ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ଏକ ଲକ୍ଷ ଲେଖାଏଁ ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଏଡିପିଏସ ଧାରା ୨୧(ସି) ଆଧାରରେ ରୁଜୁ ଏସଟିଏଫ ପିଏସ କେସ ନଂ ୨୮/୨୦୨୦ରେ ୧୬ ଜଣ ସାକ୍ଷୀଙ୍କ ବୟାନ ଓ ୨୬ ଗୋଟି ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତି କରି ସ୍ପେଶାଲ ଜଜ ବିଶ୍ୱଜିତ ଦାସ ଏହି ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପାଇଁ ଆସାମୀଙ୍କୁ ଅଧିକ ଏକବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ସୁଲଳିତ କର ମାମଲା ପରିଚାଳନା କରିଥିଲେ। ଉଲ୍ଲେଖ ଥାଉକି ୨୦୨୦ ମସିହା ନଭେମ୍ବର ୫ ତାରିଖରେ ଭୁବନେଶ୍ୱର ଅବକାରୀ ବିଭାଗ ସ୍ପେଶାଲ ଟ୍ରାକ ଫୋର୍ସ ବାଲେଶ୍ୱରର ଏକ ହୋଟେଲ ଉପରେ ଚଢ଼ଉ କରି ଅଭିଯୁକ୍ତ ଶେଖ ଜମିର, ପ୍ରଭାତ କୁମାର ସେଠୀ ଓ ଯଶୋବନ୍ତ ବାଗଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧ କିଲୋ ୧୦୫ ଗ୍ରାମ ଧଳା ଜହର ଜବତ କରାଯାଇଥିଲା। ତେବେ ଏହି ମାମଲା ଦୁଇଜଣ ଦଣ୍ଡିତ ହୋଇଥିବା ବେଳେ ଗିରଫ ତୃତୀୟ ଅଭିଯୁକ୍ତ ନାବାଳକ ଯଶୋବନ୍ତର ବିଚାର ଜୁଭେନାଲ କୋର୍ଟରେ ହେବ ବୋଲି ସ୍ପେଶାଲ ପିପି ଶ୍ରୀ କର ସୂଚନା ଦେଇଛନ୍ତି।

## ତିନି ଦୋଷୀଙ୍କୁ ୭ ବର୍ଷ ଲେଖାଏଁ ଜେଲ୍

ଗଞ୍ଜାମ, ୧୯/୦୪ (ନି.ପ୍ର): ଆସିକା ସହକାରୀ ଦୌରାଜଜ୍ କୋର୍ଟ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି । ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତି କରି ତିନି ଜଣ ଦୋଷୀ ମିଲୁ ସ୍ୱାଇଁ, କଂଗ୍ରେସ ସ୍ୱାଇଁ ଏବଂ ଭଜରାମ ସାହୁଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୪ ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୩ ସେପ୍ଟେମ୍ବର ୭ ତାରିଖରେ ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମର କୀର୍ତନ ଗୌଡ଼ କୋର୍ଟରେ ସାକ୍ଷ୍ୟପ୍ରଦାନ କରି ଫେରୁଥିବା ବେଳେ ଅଭିଯୁକ୍ତ ମାନେ ତାଙ୍କ ଉପରେ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ । ଏନେଇ ଗାଙ୍ଗପୁର ଥାନାରେ କେସ୍ ନଂ ୮୦/୨୦୦୩ରେ ଏକ ମାମଲା ରୁଜୁ ହୋଇଥିଲା । ଆସିକା ସହକାରୀ ଦୌରାଜଜ୍ କୋର୍ଟରେ କେସ୍ ନଂ ଏସଟି -୧୩/୧୩ରେ ମାମଲାର ବିଚାରଣା କରି କୋର୍ଟ ଆଜି ଉପରୋକ୍ତ ରାୟ ଶୁଣାଇଛନ୍ତି ।

# ପଥର ମାପିଆଙ୍କ ହାତରୁ ମୁକୁଳିଲା ପାହାଡ଼ : ପାର୍କ ନିର୍ମାଣ ଯୋଜନା

ଜୟପୁର, ୧୯/୦୪ (ନି.ପ୍ର): ପଥର ମାପିଆଙ୍କ ହାତରୁ ମୁକୁଳିଛି ପାହାଡ଼ । ପ୍ରଶାସନ ନିଜ ଅଧିନକୁ ଏହି ପାହାଡ଼କୁ ନେଇ ସୁନ୍ଦର ପାର୍କର ପରିକଳ୍ପନା କରି ଏହାର ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଜୟନ୍ତଗିରୀ ଆଦର୍ଶ ବିଦ୍ୟାଳୟ ଓ ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ଥିବା ପାହାଡ଼କୁ ପଥର ମାପିଆ ମାନେ କବଜା କରି ପଥର ବ୍ଲାଷ୍ଟ କରୁଥିଲେ । ଏପରିକି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଥିବା ସତ୍ୱେ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ପାହାଡରେ ବେନିୟମଭାବେ ପଥର ବ୍ଲାଷ୍ଟ କରାଯାଉଥିଲା । ଏ ନେଇ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇବା ପରେ ଜୟପୁର ଓ ବୋରିଗୁମ୍ମା ତହସିଲ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା । ଏହି ଅଂଚଳଟି ଜୟପୁର ତହସିଲ ଅର୍ନ୍ତଗତ ଜୟନ୍ତଗିରୀ ରାଜସ୍ୱ ସର୍କଲ ସୀମାନ୍ତ ତଥା ବୋରିଗୁମ୍ମା ତହସିଲକୁ ଲାଗିକି ରହିଛି । ଉଭୟ ତହସିଲ ଚଢ଼ାଉ କରିବା ପରେ ଯେଉଁ ପଥର ମାପିଆ ସୈରାତର ନିଲାମ ନେଇଥିଲେ ସେହି ସୈରାତ



ପାହାଡ ସହ ଆଖ ପାଖର ସବୁ ପାହାଡ଼ରୁ ପଥର ବ୍ଲାଷ୍ଟ କରି ଓ ପଥର ଖୋଦନ କରି ବାହାର କରି ନେଇ ଯାଉଥିଲେ । ଉଭୟ ତହସିଲ ଏଭଳି ଅନିମିୟତତା ପରେ ଉକ୍ତ ସୈରାତ ପାହଡ଼ର ନିଲାମକୁ ବାତିଲ କରିବା ସହ ଅନ୍ୟ ସବୁ ପାହାଡ଼ ନିଜ ଅଧିନକୁ ନେଇ ଥିଲେ । ଏହି ପାହାଡଟି ଜୟପୁର ସୀମାନ୍ତକୁ ଲାଗି ବୋରିଗୁମ୍ମାବ୍ଲକରେ ଥିବାରୁ ଏଠାରେ ସୁନ୍ଦର ପାର୍କ ନିର୍ମାଣ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବୋରିଗୁମ୍ମା ବ୍ଲକ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ । ଏହି କ୍ରମରେ ଏବେ ଏହି ପାହାଡ଼କୁ ବୋରିଗୁମ୍ମା ବ୍ଲକ ପ୍ରଶାସନ ନିଜ ଅଧିନକୁ ନେଇ ବିଶାଖାପାଟଣାରେ ଥିବା କୈଳାଶଗିରୀ ପାର୍କ ଭଳି ପାର୍କ ନିର୍ମାଣ କରାଯିବାର ଯୋଜନା କରିଛି । ଏନଏଚ ୨୬ରୁ ପାହଡ଼ର ଶୀର୍ଷଭାଗକୁ ଯିବା ପାଇଁ ଚଳାପଥ ଓ ଗାଡ଼ି ଯାଇ ତଳେ ପାର୍କିଂ କରିବାକୁ ରାସ୍ତା ନିର୍ମାଣ କରିଛି । ପାହାଡର ଶୀର୍ଷ ଭାଗରେ ୧୨ଫୁଟର ବିରାଟ ମହାପ୍ରଭୁ ଶିବ ଓ ପାର୍ବତୀଙ୍କ ମଳିତ ବିଗ୍ରହ ଏବଂ ଶିବଙ୍କ ଜଟାରୁ ପାଣି ନିର୍ଗତ ହେଉଥିବା ଏଭଳି ମୂର୍ତ୍ତି ସ୍ଥାପନ କରାଯିବ । ସେଭଳି ପାର୍କ ପରିସରରେ ଡାଇନସୋରର ଅଣ୍ଡାରୁ ବଡ ଡାଇନସୋର ଏବଂ ମୃତ ପରେ ତା କଙ୍କାଳ ଆଦିର ପ୍ରତିକୃତି ରଖାଯିବ । ଏହା ସାଙ୍ଗକୁ ପୁର୍ବେ ଆଦିମ ମଣିଷରୁ ଆଧୁନିକ ମଣିଷ ବିଭିନ୍ନ ସ୍ତରର ମୂର୍ତ୍ତି ବି ବସାଯିବ । ଏହା ସହ କାଫେଟରିଆ , ଫୁଲ ଗଛ, ଛୋଟ ପିଲା ମାନେ ଖେଳିବା ପାଇଁ ମୁକ୍ତ ପାର୍କ ଓ ଜଳକ୍ରୀଡାର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଯେଉଁ ସବୁ ସ୍ଥାନରେ ପଥର ବ୍ଲାଷ୍ଟ କରିବା ପରେ ପଥର ବାହାର କରାଯାଇଥିଲା, ସେ ସ୍ଥାନରେ ବଡ ବଡ ଗାତ ହୋଇଥିଲେ ହେଁ ସେଠାରେ ସିମେଣ୍ଟ ପ୍ଲାଷ୍ଟିଂ କରି ବିଭିନ୍ନ ଡିଜାଇନ୍ କରାଯାଇଛି । ସୁନ୍ଦର ନଡିଆ, ଗୁଆ ଗଛ ଠାରୁ ବିଭିନ୍ନ ଫୁଲ ଗଛ ବି ଲଗାଯାଉଛି । ସଂପୁର୍ଣ୍ଣ ପାହାଡ଼କୁ ସୁନ୍ଦର ଆଲୋକସଜ୍ଜା ସହ ଅତ୍ୟାଧୁନିକ ପାର୍କ ନିର୍ମାଣ କରାଯିବ ବୋଲି କହିଛନ୍ତି ଜୟପୁର ବିଧାୟକ । ଦେଢ଼ କୋଟି ଟଙ୍କା ବ୍ୟୟରେ ଏହାର ସଂପୁର୍ଣ୍ଣ ନିର୍ମାଣ ହେବ । ଏଥିରୁ ବିଧାୟକ ନିଜ ପାଣ୍ଠି ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ସମ୍ମିଳିତ କରି ଏହି ପାର୍କ ନିର୍ମାଣ କରୁଥିବା କହିଛନ୍ତି । ଏହା ସହ ତଳେ ଥିବା ପଡ଼ିଆରେ ବିଭିନ୍ନ ଖେଳକୁଦର ବି ଆୟୋଜନ କରାଯିବ । ସେଭଳି ଏହି ପାର୍କର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଦଳକୁ ଦିଆଯିବ । ସେମାନେ ଏହାର ରକ୍ଷଣାବେକ୍ଷଣ ଓ ଦେଖାରଖା ପାଇଁ ଟିକେଟ କରାଯିବ । ପାର୍କ ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ଅଧିକା ଆକୃଷ୍ଟ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ରାଜ୍ୟ ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଅନ୍ୱେଷାରେ ପିଲାଙ୍କ କଥା ବୁଝିଲେ

ବଲାଙ୍ଗୀର, ୧୯/୦୪ (ନି.ପ୍ର): ଦୁଇଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆଜି ସକାଳେ ବଲାଙ୍ଗୀର ତୁସରା ବିମାନ ବନ୍ଦର ଠାରେ ଅବତରଣ କରି ଜିଲ୍ଲାର ଅଧିକାରୀ ମାନଙ୍କ ସହିତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ସ୍ଥାନକୁ ବୁଲି ଦେଖିଥିଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିସନର ଅନୁ ଗର୍ଗ ଓ ସଡକ ପଥରେ ଯାଇ ପାଟଣାଗଡ଼ରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅବସ୍ଥାପିତ ଅନ୍ୱେଷା ଆଦିବାସୀ ଛାତ୍ରୀ ନିବାସ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ପରିଦର୍ଶନ କରିଛନ୍ତି । ଶ୍ରୀମତୀ ଗର୍ଗ ଏହି ଛାତ୍ରୀ ନିବାସକୁ ଆସି ପ୍ରଥମେ ଛାତ୍ରୀମାନେ କିଭଳି ରହୁଛନ୍ତି, କେମିତି ପାଠ ପଢ଼ାଯାଉଛି ଓ କିପରି ଖାଇବା ଦିଆଯାଉଛି ସେବିଷୟରେ ପଚାରି ବୁଝିଥିଲେ । ଖାସ୍ କରି ଛାତ୍ରୀଙ୍କ ସହ ଏକାଠି ବସି ଭୋଜନ କରିଥିଲେ । ଏହି ସମୟରେ କମିଶନରଙ୍କ ସହ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା, ପାଟଣାଗଡ଼ ଉପଜିଲ୍ଲାପାଳ ଡା. ବିଜୟା ନନ୍ଦ ସେଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ଶ୍ରୀମତୀ ଗର୍ଗ ହରିଶଙ୍କରକୁ ଯାଇ ମନ୍ଦିରରେ ହେଉଥିବା ବିଭିନ୍ନ ଉନ୍ନୟନ କାମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ସରକାରଙ୍କ ମିଶନ ଶକ୍ତି ଦ୍ୱାରା ପରିଚାଳିତ ପାନ୍ଥ ନିବାସକୁ ଯାଇ ମଧ ପରିଦର୍ଶନ କରିଥିଲେ । ଏସବୁ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ମିଶନ ଶକ୍ତି ଡିପିସି ସୁମନ ଦ୍ୱବେଦୀ, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପୂର୍ତ ବିଭାଗର ସୁପରିଟେଣ୍ଡେଂଟ ଇଂଜିନିୟର ଅର୍ଜୁନ ବେହେରା ଓ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଚନ୍ଦନଯାତ୍ରା ପାଇଁ ଛତିଶା ନିଯୋଗ ବୈଠକ

ପୁରୀ, ୧୯/୦୪ (ନି.ପ୍ର): ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଆଜି ଅପରାହ୍ନରେ ନିଳାଦ୍ରୀ ଭକ୍ତ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ । ବିଶେଷକରି ଚନ୍ଦନଯାତ୍ରା ପାଇଁ ମହାପ୍ରଭୁଙ୍କ ନୀତି ନିର୍ଘଂଟ,ଶୃଙ୍ଖଳିତ ଚାପ ପାଇଁ ଆଲୋଚନା ହୋଇଥିଲା । ଏହାସହ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶୃଙ୍ଖଳିତ ଦର୍ଶନ,ଦିନ ଚାପ ଓ ରାତି ଚାପ ଠିକ୍ ସମୟରେ ସମ୍ପାଦିତ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମର୍ଥ ବର୍ମା,ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ,ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା,ଛତିଶା ନିଯୋଗର କର୍ମକର୍ତାମାନେ ଯୋଗ ଦେଇଥିଲେ ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ

ବଲାଙ୍ଗିର, ୧୯/୦୪ (ନି.ପ୍ର): ପୂର୍ବାହ୍ନରେ ସ୍ଥାନୀୟ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା ) ବୈଠକ କମିଟିର ଅଧକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଂଚଳ ରାଣା, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ବିମଳ ମେହେର, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ, ଅଧକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଟିର ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଜରିଆରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିର୍ଶ୍ଚିତ କରିବା ସକାଶେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚନ୍ଦନଭାଟି - ଛତାମଖନା ରାସ୍ତା ନିମ୍ନ ମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧକ୍ଷାଙ୍କୁ ଅବଗତ କରିଥିଲେ । ଆଲୋଚନା ପରେ ଏନେଇ ତଦନ୍ତ କରାଯିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରି ଏହି ଯୋଜନା ମାଧ୍ୟମରେ ଉପକୃତ ହେଉଥିବା ହିତାଧିକାରୀ ମାନେ ସେମାନଙ୍କ ଭତା ପାଇବାରେ ଯେପରି କୌଣସି ଅସୁବିଧା ନହେବ ଏବଂ ସେମାନେ ସହଜ ଓ ସୁବିଧାରେ ଭତା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରି ଯେପରି ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନାରୁ ବଂଚିତ ନହେବେ ତାହା ସୁନିର୍ଶ୍ଚିତ କରିବା ସହ ଜିଲ୍ଲାରେ ଖାଲି ଥିବା ହିତାଧିକାରୀ ସଂଖ୍ୟା ଯଥାଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ଜରିଆରେ ନିର୍ମାଣ କରାଯାଉଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ, ଓଭରହେଡ ଟ୍ୟାଙ୍କ ନିର୍ମାଣ ସମ୍ପର୍କରେ ସମୀକ୍ଷା କରି ଏହାର ଗୁଣବତାକୁ ସୁନିର୍ଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏମଜିଏନଆରଇଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଂଚଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୩ ନମ୍ବର ଜାତୀୟ ରାଜପଥର ଦୂରାବସ୍ଥା : ବିଜେଡି ଦ୍ୱାରା ଘଂଟିକିଆ ରାସ୍ତାରୋକ

ଭୁବନ, ୧୯/୦୪ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ରେ ତୃଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି । ବାରମ୍ବାର ଦାବି ଆପତି ଅଭିଯୋଗ ସତ୍ୱେ ବିଭାଗୀୟ କର୍ତୃପକ୍ଷ ନିଦା ବିଷ୍ଣୁ ସାଜିଥିବା କାରଣରୁ ସାଂସଦ ମହେଶ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସାଂସଦ ଙ୍କ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡି କାର୍ଯ୍ୟକର୍ତା ଙ୍କ ଦ୍ୱାରା ସ୍ଥାନୀୟ କୋର୍ଟ ଛକ ଠାରେ ସକାଳ ୮ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ମଟର ଅଟକି ରହିଥିଲା । ଯାତ୍ରୀମାନେ ଖରାରେ ଚାଲିଚାଲି ହିନସ୍ତା ହୋଇଥିଲେ । ପରେ କାର୍ଯ୍ୟକର୍ତାଙ୍କ ତରଫରୁ ୬ ଦଫା ଦାବି ’ ଯଥା - ନୀଳମାଧବ ପେଟ୍ରୋଲ ପମ୍ପ ଛକରୁ ବାଜି ରାଉତ କଲେଜ ଛକ ପର୍ଯ୍ୟନ୍ତ ସର୍ଭିସ ରୋଡ ନିର୍ମାଣ, କଲେଜ ଛକ ରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶ୍ରମଗାର ନିର୍ମାଣ, ପେଟ୍ରୋଲ ପମ୍ପ ଓ କୋର୍ଟ ଛକରେ ଗୋଲେଇ ଟ୍ରାଫିକ ପୋଷ୍ଟ ନିର୍ମାଣ, ପର୍ଯ୍ୟାପ୍ତ ଲାଇଟ୍ ଲଗାଯିବା, କାଳୀ ବଜାର ଉପରୁ ୧୧ କେଭି ବିଦ୍ୟୁତ୍ ତାର ଉଠାଯିବା, ଜାତୀୟ ରାଜପଥ ରେ ଘଟୁଥିବା ଦୁର୍ଘଟଣା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଦାବିପତ୍ର ତହସିଲଦାର ଅଂଶୁମାନ ମହାପାତ୍ରଙ୍କ ଜରିଆରେ ଜିଲ୍ଲାପାଳ ଓ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପ୍ରୋଜେକ୍ଟ ଡାଇରେକ୍ଟର ଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଏହି ଆନ୍ଦୋଳନ ରେ ଭଗବାନ ଗୁରୁ, ଜୟଗୁରୁ ପାତ୍ର, ମଳୟ ତ୍ରିପାଠୀ, ଦେବାନନ୍ଦ ସାହୁ, ଅନାମ ସାହୁ , ସୁଶାନ୍ତ ପୃଷ୍ଟି , ପ୍ରକାଶ ମହାରଣା, ରମେଶ ଗୁରୁ , ହିମାଂଶୁ ମହାରଣା, ବିନୋଦ ବେହେରା, ଟିଙ୍କୁ ନାୟକ, ଅନୁକୂଳ ପୋଥାଳ, ପ୍ରକାଶ ପୃଷ୍ଟି, ହୃଷିକେଶ ନାୟକ , କାବୁଲ ସେନାପତି, ହୃଦାନନ୍ଦ ମଲ୍ଲିକ,ରାଜା ପୃଷ୍ଟି, ପ୍ରମୋଦ ଗୁରୁ ପ୍ରମୁଖ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ ।

## ବଲାଙ୍ଗୀର ଲିଗ୍ କ୍ରିକେଟ : ସାନଭି ଓ ଏଏଫ୍ସିସି ବିଜୟୀ

ବଲାଙ୍ଗୀର, ୧୯/୦୪ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲୁଥିବା ବଲାଙ୍ଗିର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସର ପ୍ରଥମ ମ୍ୟାଚଟି ସାନଭି ଓ ଆବ୍ରାହମ ଦଳ ମଧ୍ୟରେ ହୋଇଥିଲା । ଆବ୍ରାହମ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ବିନିମୟରେ ୧୬୪ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଗୌରବ ଦେବ କୁମ୍ଭାର ସର୍ବାଧିକ ୩୫ ରନ୍ ଓ କିଶନ ନାଏକ ୨୮ ରନ୍ ସଂଗ୍ରହ କରିଥିଲେ । ସାନଭି ଦଳର ସଫଳ ବୋଲର ଭାବରେ ବିଶ୍ୱ ରଂଜନ ସିଂହ ସର୍ବାଧିକ ୩ ଗୋଟି ଓ୍ୱିକେଟ ଅକ୍ତିଆର କରିଥିଲେ । ୧୬୫ ରନ୍ ର ଲକ୍ଷ୍ୟକୁ ପିଛା କରି ସାନଭି ଦଳ ୧୮ ଓଭରରେ ୪ ଓ୍ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ସାନଭି ଦଳ ତରଫରୁ ସୌରବ ସାହୁ ସର୍ବାଧିକ ୮୧ ରନ୍ ଓ ବିଶ୍ୱ ରଂଜନ ସିଂହ ୪୪ ରନ୍ ସଂଗ୍ରହ କରିଥିଲେ । ଆବ୍ରାହମ ଦଳ ତରଫରୁ ସତ୍ୟଜିତ ସିଂଦେଓ ୨ ଓ୍ୱିକେଟ ଅକ୍ତିଆର କରିଥିଲେ । ସାନଭି ଦଳର ବିଶ୍ୱ ରଂଜନ ସିଂ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚଟି ତୁଷାର ରୟାଲ ଓ ଏଏଫ୍ସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତୁଷାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ଓ୍ୱିକେଟ ବିନିମୟରେ ୧୨୯ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମାନସ ରଂଜନ ମିଶ୍ର ସର୍ବାଧିକ ୪୫ ରନ୍ ଓ ରାଜେଶ ରୋଶନ ସିକା ୩୬ ରନ୍ ସଂଗ୍ରହ କରିଥିଲେ । ଏଏଫ୍ସିସି ଦଳ ତରଫରୁ ସଫଳ ବୋଲର ଭାବରେ ଅମରଦିପ ସୁନା ୩ ଗୋଟି, ରିକି ପଟିଙ୍ଗ ଓ ଆଶିଷ ଭୋଇ ପ୍ରତ୍ୟେକେ ୨ ଗୋଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ । ୧୩୦ ରନ୍ ର ଲକ୍ଷକୁ ଏଏଫ୍ସିସି ଦଳ ୧୬.୩ ଓଭରରେ ୬ ଓ୍ୱିକେଟ ବିନିମୟରେ ସଂଗ୍ରହ କରି ବିଜୟୀ ହୋଇଥିଲେ । ଏଏଫ୍ସିସି ଦଳ ତରଫରୁ ବାଦଲ ଖମାରୀ ୩୨ ରନ୍, ରିକି ପଟିଙ୍ଗ ଅପରାଜିତ ୨୭ ରନ୍ ସଂଗ୍ରହ କରିଥିଲେ । ତୁଷାର ଦଳ ତରଫରୁ ବିଜ୍ଞାନ ମିଶ୍ର ଓ ରାଜେଶ ରଂଜନ ସିକା ପ୍ରତ୍ୟେକେ ୨ ଗୋଟି ଓ୍ୱିକେଟ ଲେଖାଏଁ ଅକ୍ତିଆର କରିଥିଲେ । ଏଏଫ୍ସିସି ଦଳର ରିକି ପଟିଙ୍ଗଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟ କ୍ରିକେଟ ଖେଳାଳି ସନ୍ତୋଷ ଆନନ୍ଦ ମିଶ୍ର (ସନ୍ଟୁ) ଯୋଗଦାନ କରି ଖେଳାଳି ତଥା ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଏହି ମ୍ୟାଚ କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର, ସ୍ମିତ ଦଲାଇ, ଶ୍ୟାମ ସୁନ୍ଦର ପଣ୍ଡା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବା ବେଳେ ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି ମ୍ୟାଚଟି କ୍ରିକେଟ କାଲସନ ଓ କ୍ରିଚ ହିରୋ ୟୁଟ୍ୟୁବ୍ ରେ ପ୍ରସାରଣ ହେଉଥିଲା । ଏହାକୁ ଯାଜପୁର ର ସୁରଜ ପରିଚାଳନା କରୁଥିଲେ ।

# ଜି-୨୦ ଜନଭାଗିଦାରୀ ତତ୍ୱାବଧାନରେ ଶିକ୍ଷାଦାନ ଓ ଶିକ୍ଷାର ମିଶ୍ରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

ଜୟପୁର, ୧୯/୦୪ (ନି.ପ୍ର): ଜି-୨୦ ଜନଭାଗିଦାରୀ ଆନୁକୂଲ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ’ବସୁଧେବ କୁଟୁମ୍ବକମ୍’ ସ୍ଲୋଗାନକୁ ବଜାୟ ରଖି ଗତ ୧୭ ଏପ୍ରିଲ ୨୦୨୩ରେ ସୁନାବେଡ଼ାସ୍ଥିତ ଏହାର କ୍ୟାମ୍ପସରେ ’ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷାର ମିଶ୍ରଣ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଆର୍ ଆଇଇର ପ୍ରଫେସର ତଥା ଏନ୍ ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଏଚ୍ କେ ସେନାପତି, ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇବା ସହ ଶିକ୍ଷାକ୍ଷେତ୍ରରେ ବୈଷୟିକ ସମନ୍ୱୟ ର ସମ୍ଭାବନା ଉପରେ ଆଲୋଚନା କରିବା ପାଇଁ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଗବେଷକ ଓ ନୀତି ନିର୍ଦ୍ଧାରକମାନଙ୍କୁ ଏହା ଏକ ଉପଯୁକ୍ତ ପ୍ଲାଟଫର୍ମର ସୁଯୋଗ ପ୍ରଦାନ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ (ଭାରପ୍ରାପ୍ତ) ତଥା ସେମିନାରର ସଂଯୋଜକ ଡ. ସୌରଭ ଗୁପ୍ତା ସ୍ୱାଗତ ଭାଷଣ ଦେଇ ଜି-୨୦ ଜନ ଭାଗିଦାରୀର ଧାରଣା ଏବଂ ଭାରତର ଜି-୨୦ ଅଧକ୍ଷତାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ସହକାରୀ ପ୍ରଫେସର ତଥା ଜି-୨୦ ଜନ ଭାଗିଦାରୀର ନୋଡାଲ ଅଫିସର ଡ. ପ୍ରଦୋଷ କୁମାର ରଥ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ପ୍ରଫେସର ସେନାପତି ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ବଢ଼ାଇବା ପାଇଁ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବୈଷୟିକ ଜ୍ଞାନକୌଶଳ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅନୁଭୂତି ସୃଷ୍ଟି କରିପାରିବ ଏବଂ ଶିକ୍ଷାକୁ ଅଧିକ ସୁଲଭ ଏବଂ ଅନ୍ତର୍ଭୁକ୍ତ କରିପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏନଇପି ୨୦୨୦ କିପରି କାର୍ଯ୍ୟକାରୀ ହେବ ଏବଂ ଟେକ୍ନୋଲୋଜି ଏହାର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ସେ ବିଷୟରେ କହି ଶିକ୍ଷାଦାନ ଏବଂ ଶିକ୍ଷଣର ମିଶ୍ରଣ ଉପରେ ସେ ବିସ୍ତୃତ ବିବରଣୀ ଦେଇଥିଲେ । ଅତୀତର ଶିକ୍ଷାନୀତି ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦେଇ ସେ ଏନଇପି ୨୦୨୦ ସହ ସ୍ପଷ୍ଟ ତୁଳନା କରିଛନ୍ତି । ନୂତନ ଶିକ୍ଷା ନୀତିର ପରିକଳ୍ପନା ଉପସ୍ଥାପନ କରି ସେ କହିଥିଲେ, ପ୍ରଥମେ ଭାରତୀୟ ନୀତି ଉପରେ ଧ୍ୟାନ ଦିଆଯାଉଛି ଏବଂ ଦ୍ୱିତୀୟତଃ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମୂଳ ସହ ଯୋଡ଼ିବା ଉଚିତ । ସେ ଆହୁରି ମଧ କହିଛନ୍ତି, ‘ପ୍ରଥମେ ଅନ୍ତର୍ଭୁକ୍ତ, ସମୀକ୍ଷାମୂଳକ, ଜୀବନ୍ତ ଜ୍ଞାନ ସମାଜ ଉପରେ ଗୁରୁତ୍ୱ ଦିଆଯାଉଛି । ଦ୍ୱିତୀୟତଃ, ସେ ମୌଳିକ କର୍ତବ୍ୟକୁ ପ୍ରୋତ୍ସାହନ ଦେଇ କହିଥିଲେ, ‘ଏହି ନୀତିର ଆଶା କେବଳ ଭାରତୀୟ ନାଗରିକମାନଙ୍କୁ ନୁହେଁ ବରଂ ବିଶ୍ୱ ନାଗରିକମାନଙ୍କୁ ପ୍ରସ୍ତୁତ କରିବା ପାଇଁ । ବିକାଶଶୀଳ ଜ୍ଞାନକୌଶଳ ଏବଂ ଶିକ୍ଷାରେ ଏହାର ସମ୍ପୃକ୍ତି ଉପରେ ଆଲୋକପାତ କରି ସେ କହିଥିଲେ ଯେ, ‘ଟେକ୍ନୋଲୋଜି ହେଉଛି ଏକ ଉପକରଣ ଯାହା ଜଣେ ଶିକ୍ଷକଙ୍କୁ ବଦଳାଇ ପାରିବ ନାହିଁ, କିନ୍ତୁ ଏହା କେବଳ ସୁବିଧା ସୃଷ୍ଟି କରିବ । ସେ କହିଛନ୍ତି, ପୂର୍ବ ଶିକ୍ଷା ନୀତିରେ ଏହି ଆଭିମୁଖ୍ୟ ଉତ୍ପାଦ ଭିତିକ ଥିଲା, କିନ୍ତୁ ବର୍ତମାନ ଏନଇପି ୨୦୨୦ରେ ଆମେ ପ୍ରକ୍ରିୟା ଭିତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦେଉଛୁ । ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ପ୍ରଫେସର ହିମାଂଶୁ ଶେଖର ମହାପାତ୍ର, ପ୍ରଫେସର ହେମରାଜ ମୀନା, ଡ. ବିକେ ଶ୍ରୀନିବାସ, ଡ. ଆର୍ କେ ପାଢୀ ଓ ଡ. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଂକ୍ଷିପ୍ତ ପ୍ରଶ୍ନୋତର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଜି-୨୦ ଜନଭାଗିଦାରୀ ନୋଡାଲ ଅଫିସର ଡ. ପିକେ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏତଦବ୍ୟତୀତ ଜି-୨୦ ଜନଭାଗିଦାରୀ ଅଧୀନରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ପ୍ରଥମାର୍ଦ୍ଧରେ ଜୈବ ବିଭିଦତା ଓ ପ୍ରାକୃତିକ ସଂରକ୍ଷଣ ସଂଶାଧନ ବିଭାଗର ସହକାରୀ ପ୍ରାଧାପିକା ଡ କାକୋଳି ବାନାର୍ଜୀଙ୍କ ତତ୍ୱାବଧାନରେ ଫେସ ପେନଟିଂ, ରଙ୍ଗୋଲୀ ଏବଂ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧନ ବିଭାଗର ଭାରପ୍ରାପ୍ତ ମୂଖ୍ୟ ଡ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ୱାବଧାନରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍ଘାଟିତ

କୋରେଇ, ୧୯/୦୪ (ନି.ପ୍ର): ପାଣିକୋଇଲି ସ୍ଥିତ ଏସଆଇଆଇଟି କମ୍ପ୍ୟୁଟର ସେଂଟର ପରିସରରେ ଓଡିଶା ସ୍କିଲ ଡେଭଲପମେଂଟ ଅଥରିଟି ଓ ଓ୍ୱାଲର୍ଡ ସ୍କିଲ ସେଂଟର ମାଧ୍ୟମରେ ଏକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ୪୦ରୁ ଉର୍ଦ୍ଧ ଉତ୍ସାହିତ ଯୁବକ/ଯୁବତୀ ମାନେ ଭବିଷ୍ୟତରେ କିଛି ନୂଆ ଉଦ୍ୟୋଗ କରିବା ଆଶରେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ମାସ ଯାଏ ଏସଆଇଆଇଟି କମ୍ପ୍ୟୁଟର ସେଂଟରରେ ଚାଲୁରହିବ । ଏହି କାର୍ଯ୍ୟକ୍ରମରେ ଓଡିଶା ସ୍କିଲ ଡେଭଲପମେଂଟ ଅଥରିଟି ଓ ଓ୍ୱାଲଡ ସ୍କିଲ ସେଂଟର ତରଫରୁ ଜେନେରାଲ ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ପାଢୀ, ଡିପିଏମ ଓଡିଶା ଲିଭିଡ ହୁଡ ମିଶନ ସେଫାଳୀ ଶ୍ୱାସତୀ ମ୍ୟାଡାମ ମିଶନ ଶକ୍ତି, ସଙ୍କଳ୍ପ ତରଫରୁ ଟିମ ଲିଡର ସମରେନ୍ଦ୍ର ଚୌଧୁରୀ, ଲରନେଟ ସ୍କିଲ ଷ୍ଟେଟ ହେଡ ଜ୍ଞାନ ରଂଜନ ଆଚାର୍ଯ୍ୟ, ଟ୍ରେନିଙ୍ଗ ଓ ମନିଟରିଙ୍ଗ ହେଡ ନିହାର ରଂଜନ ଓଝା ଆଦି ଯୋଗଦେଇ ନିଜ ବକ୍ତବ୍ୟ ରଖିବା ସହିତ ଉପସ୍ଥିତ ଭବିଷ୍ୟତ ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କୋଡିନେଟର ଦୋଳ ଗୋବିନ୍ଦ ଦାସ ସଂଚାଳନା କରିଥିବା ବେଳେ ବୋଲି ଅନୁଷ୍ଠାନର ମୁଖ୍ୟ ସନ୍ଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୋଇଲା ଡିପୋ ଉପରେ ପ୍ରଶାସନିକ ତଦନ୍ତ ଆରମ୍ଭ

କୋରେଇ, ୧୯/୦୪ (ନି.ପ୍ର): ପାଣିକୋଇଲିସ୍ଥିତ ପଥରପଦା ମୌଜାରେ ଥିବା କୋଇଲା ଡିପୋ ଯୋଗୁ ସାଧାରଣ ଲୋକ ଅତିଷ୍ଠ ହୋଇଛନ୍ତି । ଫଳରେ ଏହାକୁ ନେଇ ପ୍ରଦ୍ୟୁଷଣ ବୋର୍ଡ ଓ ଜିଲ୍ଲାପାଳଙ୍କ କୋରାଇ ବ୍ଲକ ମିଳିତ ଜନଶୁଣାଣୀରେ ଅଭିଯୋଗ କରିଛନ୍ତି । ଫଳରେ ପ୍ରଶାସନିକ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି । ଘଟଣାସ୍ଥଳକୁ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କ ସମେତ ଏକ ଟିମ ଆସି ପହଂଚି ବାସ୍ତବତାର ତଦନ୍ତ କରିଛନ୍ତି । ଅଭିଯୋଗର ସତତ୍ୟା ପରଖି ଫେରିଛନ୍ତି । ଏହା ପରେ କି କାର୍ଯ୍ୟାନୁଷ୍ଠାନ ପ୍ରଶାସନ ବା ପ୍ରଦ୍ୟୁଷର ବୋର୍ଡ ନେଉଛି ତାହା ଦେଖିବାକୁ ବାକି ରହିଲା । ପ୍ରକାଶଯେ ଜଗନ୍ନାଥ କୋଇଲା ଡିପୋ ଯୋଗୁ ପ୍ରଦ୍ୟୁଷଣ ବୃଦ୍ଧି ପାଉଛି । ବିଭିନ୍ନ ସ୍ଥାନରେ ସରକାରୀ ଓ ବେସକାରୀ ଯାଗାରେ କୋଇଲା ଗଚ୍ଛିତ ରହିଛି ।

# ଛୋଟ ଘର ତଥାପି ସୁନ୍ଦର

ଘର ଛୋଟ ହୋଇଥିବାରୁ ମନପସନ୍ଦର ଫର୍ନିଚର୍‌ରେ ଘରର ସାଜସଜ୍ଜା କରିପାରନ୍ତି ନାହିଁ ବୋଲି ଅନେକ ଲୋକ ମନଦୁଃଖ କରନ୍ତି । ତେବେ ଏମିତି କିଛି ଫର୍ନିଚର ଅଛି ଯାହା ଛୋଟ ଘରରର ଲୁକ୍ ବଦଳାଇ ପାରିବ । ଏହିସବୁ ଫର୍ନିଚର ଘରକୁ ଟ୍ରେଣ୍ଡି ଲୁକ୍ ଦେବାରେ ଏକଦମ୍ ବଢ଼ିଆ ।





**ଡେ ବେଡ୍:**
ଏହାକୁ ସୋଫା କମ୍ ବେଡ୍ କୁହାଯାଏ । ତେବେ ଆଜିକାଲି ଡେ ବେଡ୍ ନାମରେ ଏହା ବେଶି ପରିଚିତ । ଦିନବେଳା ଏହାକୁ ବସିବା ପାଇଁ ସୋଫା ଭାବେ ବ୍ୟବହାର କରାଯାଇପାରିବ । ରାତି ହେଲେ ଏହା ଆରାମଦାୟକ ବେଡ୍ ହୋଇପାରିବ । ଆପଣଙ୍କ ଘର ମଧ ସୁନ୍ଦର ଦେଖାଯିବ । ଲିଭିଂ ରୁମ୍ କିମ୍ବା ପିଲାଙ୍କ ରୁମ୍‌ରେ ଏହାକୁ ପକାଇ ପାରିବେ ।

**ଫୋଲ୍ଡିଂ ଡାଇନିଂ ଟେବଲ:**
ଆଜିକାଲି ବଜାରରେ ଫୋଲ୍ଡିଂ ଡାଇନିଂ ମିଳୁଛି । ବିଶେଷ କରି ମେଟ୍ରୋ ସହରଗୁଡ଼ିକର ଛୋଟ ଛୋଟ ଆପାର୍ଟମେଣ୍ଟ ପାଇଁ ଏହିଭଳି ଡାଇନିଂ ଟେବଲ୍ ଭଲ । ଯଦି ଆପଣଙ୍କ ଘରେ ଡାଇନିଂ ହଲ୍ ନାହିଁ ତେବେ ଫୋଲ୍ଡିଂ ଡାଇନିଂ ଟେବଲ୍ ପକାଇ ପାରିବେ । ଏହା ସହିତ କଷ୍ଟମାଇଜଡ୍ ଚେୟାରର ଏବଂ ସେଲ୍ଫ ମଧ ମିଳୁଛି । ପୂରା କାନ୍ଥରେ ଲଗାଇ ରଖିପାରିବେ । ଅଳ୍ପ ଜାଗାରେ ଫିଟ୍ ହୋଇପାରିବ ।



**ଷ୍ଟୋରେଜ୍ ସିଟିଂ:**
ଲିଭିଂ ରୁମ୍‌ରେ ବସିବା ପାଇଁ ସୋଫା ଖୋଜୁଛନ୍ତି । ହେଲେ ରଖିବା ପାଇଁ ସେତେ ଜାଗା ନାହିଁ । ପୁଣି ସେହି ଘରେ କୌଣସି ସେଲ୍ଫ ନାହିଁ । ଭଲ ଫର୍ନିଚର୍ ଶୋ ରୁମ୍‌ରୁ ଷ୍ଟୋରେଜ୍ ବ୍ୟବସ୍ଥା ଥିବା ବାଲା ସିଟିଂ ଆର୍ଟିକିଲ୍ସ କିଣିପାରିବେ । ଯେମିତିକି ଷ୍ଟୋରେଜ୍ ଅଟୋମେନ୍ସ, ପୁଫ୍, ସୋଫା ଇତ୍ୟାଦି ଆଣିପାରିବେ । ଏହାଦ୍ୱାରା ଆପଣ ନିଜ ଘରର କିଛି ଜିନିଷ ଷ୍ଟୋର କରି ରଖିପାରିବେ । ସେଥିପାଇଁ ଆପଣଙ୍କୁ ଅଲଗା ଆଲମିରା ଦରକାର ପଡ଼ିବ ନାହିଁ ।



**ଡ୍ରୟାର୍ ସେଣ୍ଟର ଟେବଲ୍:**
ଆଗରୁ ଯେମିତି ସେଣ୍ଟର ଟେବଲ୍ କିଣୁଥିଲେ ସେଥିରେ ଡ୍ରୟାର୍ ନଥିଲା । ତେଣୁ କିଛି ଦରକାରୀ ଜିନିଷ କି ଖବରକାଗଜ ବା ବହି ଆଦି ରଖିଲା ବେଳେ ଅସୁବିଧା ହେଉଥିଲା । ଆଜିକାଲି ବଜାରରେ ଡ୍ରୟାର ସେଣ୍ଟର ଟେବଲ୍ ମିଳୁଛି । ଏଥିରେ ଆପଣ ଟିଭି ରିମୋଟ୍‌ରୁ ନେଇ ଲିଭିଂ ରୁମ୍‌ରେ ବ୍ୟବହୃତ ହେଉଥିବା ଛୋଟ ଛୋଟ ଜିନିଷ ଷ୍ଟୋର କରିପାରିବେ ।



# ସିଝା ମାଛ ଝୋଳ



**ସାମଗ୍ରୀ:**
୭୦୦ ଗ୍ରାମ ଭାକୁର ମାଛ, ଦୁଇଟି କଟା ପିଆଜ, ଦୁଇଟି କଟା ଟମାଟୋ, ୩ରୁ ୪ଟି କଟା କଞ୍ଚା ଲଙ୍କା, ଡାଲଚିନି ଏକ ଖଣ୍ଡ, ଗୁଜରାତି ୩ରୁ ୪ଟି, ଅଳେଇଚ ୩ରୁ ୪ଟି, ଗୋଲମରିଚ ଅଧା ଛୋଟ ଚାମଚ, ଅନାସୀଫୁଲ ଓ ଜାୟଫ୍ରୀ ଗୋଟିଏ, ୧ ଚାମଚ ଲଙ୍କା ଗୁଣ୍ଡ, ଦୁଇଟି କଟା ପିଆଜ ସଣ୍ଢା, ତେଲ ୩ରୁ ୪ ଚାମଚ, କଟା ଧନିଆପତ୍ର ୧ କପ୍, ଅଦା ରୁସୁଣ ବଟା ୧ ଚାମଚ, ୧ ଇଞ୍ଚ କଟା ଅଦା ଓ ସ୍ୱାଦ ଅନୁସାରେ ଲୁଣ ।

ମାଛ ଖାଇବାକୁ ସାଧାରଣତଃ ସମସ୍ତେ ଭଲ ପାଆନ୍ତି । ଏହାକୁ କିଏ ତରକାରୀ କରି ଖାଏ ତ ଆଉ କିଏ ଭଜା କରି । ସେହିପରି କିଏ କିଏ ଏହାକୁ ପକୋଡା କରି ମଧ ଖାଇଥା'ନ୍ତି । ମାଛରୁ ବିଭିନ୍ନ ପ୍ରକାରରେ ଫ୍ୟୁଜନ ଓ କଣ୍ଟିନେଣ୍ଟାଲ ରେସିପି ମଧ ତିଆରି ହୁଏ । ତେବେ ଆମେ ଏଠାରେ ଆପଣଙ୍କୁ ମାଛର ଏକ ଖାଣ୍ଟି ଦେଶୀ ରେସିପି ବିଷୟର କହିବାକୁ ଯାଉଛି ଯାହାର ନାଁ ହେଲା ସିଝା ମାଛ ଝୋଳ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭାକୁର ମାଛକୁ କାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ପକାଇ ମାଛକୁ ସେଥିରେ ରଖନ୍ତୁ । ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଟମାଟୋ, ଡାଲଚିନି, ଗୁଜରାତି, ଅଳେଇଚ, ଗୋଲମରିଚ, ଅନାସୀଫୁଲ, ଜାୟଫ୍ରୀ, ଲଙ୍କାଗୁଣ୍ଡ, ପିଆଜ ସଣ୍ଢା, ସ୍ୱାଦ ଅନୁସାରେ ଲୁଣ ଓ ଅଳ୍ପ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ଦିଅନ୍ତୁ । ଏହାପରେ କଡ଼େଇକୁ ଚୁଲିରେ ବସାଇ ମାଛକୁ ସିଝିବାକୁ ଦିଅନ୍ତୁ । କିଛି ସମୟ ପରେ ଘୋଡଣି ବାହାର କରି ସେଥିରେ ଅଦା ରସୁଣ ବଟା ଗୋଳାନ୍ତୁ ଓ ଆଉ କିଛି ସମୟ ସିଝିବାକୁ ଦିଅନ୍ତୁ । ପରେ ସେଥିରେ କଟା ଅଦା, ଧନିଆ ପତ୍ର ଓ ଅଳ୍ପ ଲଙ୍କାଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ଏହି ମାଛ ଉପରେ ପକାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବା ସିଝା ମାଛ ଝୋଳ ।

# ମଲା ମାଛରୁ ମିଳିବ ଇନ୍ଧନ !



ମୃତ-ମାଛ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରେ ମାଛର ଅବଶିଷ୍ଟାଂଶକୁ ବାୟୋଗ୍ୟାସରେ ପରିଣତ କରି, ତାହାକୁ ଜାହାଜର ଇନ୍ଧନ ଶକ୍ତି ଭାବେ ବ୍ୟବହାର କରିହେବ । ଏହି ପଦ୍ଧତିରେ ଜାହାଜ ଚଳାଇବା ଲାଗି ନରୱେର ପ୍ରସିଦ୍ଧ ଜାହାଜ ପରିଚାଳନା କମ୍ପାନୀ 'ହୁର୍ଟିଗୁଟେନ' ଯୋଜନା କରୁଛି । ଏହି ଜୈବ ଗ୍ୟାସ୍ ଜୀବାଶ୍ମ ଇନ୍ଧନ ଠାରୁ ସ୍ୱଚ୍ଛା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହେଉ ନ ଥିବାରୁ ସାମୁଦ୍ରିକ ବାୟୁ ପ୍ରଦୂଷଣ କମିପାରିବା ପ୍ରାରମ୍ଭିକ ପର୍ଯ୍ୟାୟରେ ଛଅଟି ଜୈବ ଗ୍ୟାସ୍ -ଚାଳିତ ଜାହାଜ ଚଳାଇବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି । ସମ୍ଭବ ହେଲେ ତାହା ବିଶ୍ୱର ପ୍ରଥମ ଜୈବଗ୍ୟାସ୍ ଚାଳିତ ଜାହାଜର ମାନ୍ୟତା ପାଇବ । ଉଲ୍ଲେଖଯୋଗ୍ୟ, ସ୍ଥଳପଥରେ ଚାଲୁଥିବା ଯାନବାହାନ ଠାରୁ ଜାହାଜ ପାଇଁ ବହୁ ଅଧିକ ପରିମାଣର ଜୀବାଶ୍ମ ଇନ୍ଧନ ଶକ୍ତି ଆବଶ୍ୟକ ହୁଏ । ସାମୁଦ୍ରିକ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏହା ଏକ ବଡ଼ କାରଣ । ଏଥିରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ କମ୍ପାନୀ ଏପରି ପଦକ୍ଷେପ ନେଇଥିବା ପ୍ରକାଶ ।

# ଏନର୍ଜି ମିଳିବା ଆଶାରେ ପିଲାଙ୍କୁ ଦେଉଛନ୍ତି କି ଫ୍ରୁଟ ଜୁସ ?


## ସାବଧାନ ଆପଣଙ୍କ ଏଭଳି ଭୁଲ ତାଙ୍କର ସ୍ୱାସ୍ଥ୍ୟପାଇଁ ହେଇପାରେ ହାନିକାରକ

କୁହାଯାଏ ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଫଳ ଅତ୍ୟନ୍ତ ଆବଶ୍ୟକ । ଆଉ ଫଳ ରସ ଆମ ସ୍ୱାସ୍ଥ୍ୟ ପାଇଁ ଏକ ଟନିକ୍ ଭାବରେ କାମ କରେ । ଏହା ଶରୀରକୁ ଶକ୍ତି ଯୋଗାଇଥାଏ ଏବଂ ଏହାକୁ ଅନେକ ରୋଗରୁ ମଧ ରକ୍ଷା କରିଥାଏ । ଆଜିକାଲି ଅନେକ କମ୍ପାନୀ ବଜାରରେ ପ୍ୟାକେଜ୍ ଜୁସ୍ ମଧ ବିକ୍ରି କରୁଛନ୍ତି । କମ୍ପାନୀଗୁଡିକ ସେମାନଙ୍କୁ ପ୍ରକୃତ ବୋଲି ଦାବି କରନ୍ତି କିନ୍ତୁ ସତ୍ୟ ହେଉଛି ଏହି ରସଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଛୋଟ ପିଲାମାନଙ୍କ ପାଇଁ ଏହା ଅଧିକ ବିପଜ୍ଜନକ । ତେଣୁ ଆପଣ ଯଦି ନିଜ ପିଲାଙ୍କୁ ଏହା ଦେଉଛନ୍ତି ତେବେ ଆଜି ହିଁ ବନ୍ଦ କରିଦିଅନ୍ତୁ ।

ଅନେକ ସମୟରେ ମାଆମାନେ ପିଲାମାନଙ୍କୁ ଟିଫିନ୍ ରେ ପ୍ୟାକେଡ୍ ଜୁସ ଦିଅନ୍ତି । ସେମାନେ ଅନୁଭବ କରନ୍ତି ଯେ ଏହା ଶିଶୁକୁ ଶକ୍ତିରେ ପରିପୂର୍ଣ୍ଣ ରଖିବ ଏବଂ ତାଙ୍କ ସ୍ୱାସ୍ଥ୍ୟରେ ମଧ ଉନ୍ନତି ହେବ । କିନ୍ତୁ ବାସ୍ତବରେ ଏହା କରିବା ଦ୍ୱାରା ଆପଣ ଜାଣିଶୁଣି ପିଲାମାନଙ୍କର ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି । ସେଥିପାଇଁ ତୁମେ ସତର୍କ ହେବା ଆବଶ୍ୟକ । ଆସନ୍ତୁ ଜାଣିବା ଜୁସ ପିଇବା ଦ୍ୱାରା କଣ କ୍ଷତି ହେଇଥାଏ ।

– ପ୍ୟାକେଜ୍ ରସରେ ପ୍ରିଜୋବେଟୀଭ ମିଳିଥାଏ, ଯାହା ଶରୀରରେ ଚର୍ବି ବଢ଼ାଇବା ପାଇଁ କାମ କରିଥାଏ । ଏହା ସ୍ନାୟୁ ପ୍ରଣାଳୀ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ।

– ଯଦି ଆପଣ ପ୍ୟାକେଜ୍ ଜୁସ ପିଉଛନ୍ତି, ତେବେ ଗ୍ୟାସ୍ କିମ୍ବା ଅମ୍ଳତା ସମସ୍ୟା ହୋଇପାରେ ।




-ପ୍ୟାକେଟର ଫଳ ରସ ବହୁତ ମିଠା । ଏହା ଶରୀରର ସୁଗାର ସ୍ତରକୁ ବଢେଇପାରେ ।


– ବଜାରରେ ଉପଲବ୍ଧ ପ୍ୟାକେଜ୍ ଜୁସ୍ ସେଥିରେ ଅତିରିକ୍ତ ସୁଗାର ମିଶାଇ ବିକ୍ରି ହୁଏ । ଯଦି ଆପଣ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି, ତେବେ ଓଜନ ଦ୍ରୁତ ଗତିରେ ବଢିପାରେ ।

-ପ୍ୟାକ୍ ହୋଇଥିବା ଏବଂ ସ୍ୱାଦଯୁକ୍ତ ଫଳ ରସରେ କ୍ୟାଡମିୟମ୍,ଜୈବିକ, ଆର୍ସେନିକ୍ ଏବଂ ମର୍କୁର କିମ୍ବା ସୀସା ରହିଥାଏ, ଯାହା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ଅଟେ ।

– ଅଧିକାଂଶ ପ୍ୟାକେଜ୍ ହୋଇଥିବା ଫଳ ରସରେ, ଫଳର ପରିମାଣ ମାତ୍ର ୨୫ ପ୍ରତିଶତ । ଏହା ଗ୍ୟାସ୍, ପେଟ ଯନ୍ତ୍ରଣା, ଝାଡା ଭଳି ସମସ୍ୟା ସୃଷ୍ଟି କରିପାରେ ।

– ପ୍ୟାକେଜ୍ ହୋଇଥିବା ଫଳ ରସରେ ଫଳ ତନ୍ତୁ ନାହିଁ, ତେଣୁ ଫାଇବରର ପରିମାଣ କମ୍ ଅଟେ । ଏହି କାରଣରୁ ପିଲାମାନେ ଖାଦ୍ୟ ଆଲର୍ଜି, ଚର୍ମ ଆଲର୍ଜି ଭଳି ଗମ୍ଭୀର ସମସ୍ୟା ଦେଖାଦେଇପାରନ୍ତି ।

# ଏହି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍



ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ ।

୨. ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ କାରଣରୁ ମଧ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ ।

# କ୍ୟାନସରକୁ ରୋକିବ ଆୟୁର୍ବେଦ ଔଷଧ

ବର୍ତ୍ତମାନ ସମୟରେ ମଣିଷ ଆଗରେ ବିଭିନ୍ନ ପ୍ରକାର ଭୟଙ୍କର ରୋଗ ସମସ୍ୟା ଭାବେ ଉଭା ହେଉଛି । ତେବେ ସେଥି ମଧରେ କ୍ୟାନସର ଏକ ଘାତକ ବିମାରୀ । ପ୍ରତିବର୍ଷ ଭାରତରେ ଲକ୍ଷ ଲକ୍ଷ ଲୋକ ଏହି ବିମାରୀରେ ଅକାଳରେ ପ୍ରାଣ ହରାଉଛନ୍ତି । ବିଶେଷ କରି ୫୦ରୁ କମ୍ ବୟସର ଲୋକମାନେ ଏଥିରେ ବେଶି ଶିକାର ହେଉଛନ୍ତି । ଗତ ୨୦୨୦ ମସିହାରେ କ୍ୟାନସରରେ ୭.୭ ଲକ୍ଷ ଲୋକଙ୍କ ଜୀବନ ହାନୀ ଘଟିଥିବା ବେଳେ ୨୦୨୧ରେ ୭.୮ ଲକ୍ଷ ଓ ୨୦୨୨ରେ ୮.୦୮ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ସାମ୍ନାକୁ ଆସିଛି ।

ତେବେ ବୈଜ୍ଞାନିକମାନେ କ୍ୟାନସରକୁ ନେଇ ଅନବରତ ଗବେଷଣା ଜାରି ରଖିଥିବା ବେଳେ ନିକଟରେ ଏନେଇ ଏକ ବଡ଼ ସଫଳତା ମିଳିଛି । ଏକ ଆୟୁର୍ବେଦ ମେଡିସିନ 'ବି୨ଏସ୨' ଦ୍ୱାରା କ୍ୟାନସର ଚିକିତ୍ସା କରାଯାଇ ପାରିବ ବୋଲି କୁହାଯାଇଛି । ଖୁବଶୀଘ୍ର କ୍ୟାନସରର ଟ୍ରିଟମେଣ୍ଟ ପାଇଁ ଟ୍ରାଏଲ ଆରମ୍ଭ କରାଯିବ । ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲରେ ଏହି ଟ୍ରାଏଲ କରାଯିବାକୁ ଥିବାବେଳେ ଏହା ଶେଷ ହେବାକୁ ଏକ ବର୍ଷ ସମୟ ଲାଗିବ ।

କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ, ଏମିଲ ଫାର୍ମା, ଟାଟା ମେମୋରିଆଲ ହସ୍ପିଟାଲ ଓ ଆୟୁଷ ମହାନିର୍ଦ୍ଦେଶାଳୟର ମିଳିତ ପ୍ରୟାସରେ ଏହା ସମ୍ଭବ ହୋଇ ପାରିଛି । ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଆୟୁବେଦ ମୁତାବକ, ବି୨ଏସ୨ ଔଷଧକୁ ଆୟୁର୍ବେଦ ଫର୍ମୁଲା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି । ଏହି ଔଷଧ କ୍ୟାନସର ସେଲ୍ସର ଗ୍ରୋଥକୁ ରୋକି ପାରିବ ବୋଲି ଲାବ ଟେଷ୍ଟରୁ ଜଣାପଡ଼ିଛି । ଏବେ ଏହାକୁ ନେଇ ଅଧିକ ରିସର୍ଚ୍ଚ କରାଯାଉଛି । ତେଣୁ ଏହା କ୍ୟାନସର ଚିକିତ୍ସା କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହୋଇ ପାରିବ ବୋଲି ଆଶା କରାଯାଉଛି । ଏହି ମେଡିସିନ କ୍ୟାନସର ବିରୋଧରେ ଇମ୍ୟୁନିଟି ବଢ଼ାଇବା ସହିତ କ୍ୟାନସର ସେଲସର ବିକାଶକୁ ଧୀମା କରିଦେଇଥାଏ ବୋଲି ରିସର୍ଚ୍ଚରୁ ଜଣାପଡ଼ିଛି ।



# କେଶରେ ଚମକ ଆଣିବ 'ବ୍ଲାକ୍ ଟି'

ରୁକ୍ଷ ଏବଂ ମଳିନ ଦେଖାଯାଉଥିବା କେଶରେ ପୁଣି ଚମକିବ । ସେଥିପାଇଁ ସାଲୁନକୁ ବାରମ୍ବାର ଯାଇ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଘରୋଇ ଭାବେ କେଶ ପାଇଁ ଆପଣାନ୍ତୁ ବ୍ଲାକ୍ ଟି । ପ୍ରଥମେ ଏକ କପ୍ ବ୍ଲାକ ଟି ବିନା ଚିନିରେ ପ୍ରସ୍ତୁତ କରି ଥଣ୍ଡା କରନ୍ତୁ । କେଶକୁ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ତାହାପରେ ବ୍ଲାକ ଟିକୁ କେଶରେ ଲଗାଇ ସେହିଭଳି ତାକୁ ୫ରୁ ୧୦ମିନିଟ ଛାଡ଼ି ଦିଅନ୍ତୁ । ତାପରେ ପୁଣି ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଅଧ ଚାମଚ ହେନା ପାଉଡର ଏବଂ କଫି, ୨ରୁ ୩ଚାମଚ ବ୍ଲାକ ଟି ନେଇ ତାହାକୁ ଭଲ ଭାବରେ ପେଷ୍ଟ କରିଦିଅନ୍ତୁ । ଉକ୍ତ ପେଷ୍ଟକୁ ଖପୁରୀ ଏବଂ କେଶର ଶେଷ ଭାଗରେ ଭଲଭାବରେ ଲଗାନ୍ତୁ । ସେଭଳି ଅବସ୍ଥାରେ ୩୦ମିନିଟ୍ ଝାଡ଼ିଦିଅନ୍ତୁ । ତାପରେ ସାମ୍ପୁ କରିଦିଅନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୦ ଏପ୍ରିଲ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶ୍ରୀଯୁକ୍ତ ଦୁଃଖିତ...

ଏକ ଦୃଢ଼ ସରକାର ଶାସନ କରି ଆସୁଛି କେନ୍ଦ୍ରରେ ୨୦୧୪ଠାରୁ । ତା' ପୂର୍ବରୁ ଲଗାତର ଦୁଇଟି ପାଳି ଶାସନ କ୍ଷମତାରେ ରହିଥିଲା ଦେଶର ସର୍ବପୁରାତନ ନେତୃତ୍ୱାଧୀନ ଦଳ କଂଗ୍ରେସ, ଯାହାର ସତ୍ତା ଦିନକୁ ଦିନ କ୍ଷୀଣ ହୋଇ ଚାଲିଛି । ୨୦୧୯ରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୁଣିଥରେ କେନ୍ଦ୍ରରେ ସରକାର ଗଠନ କରିବା ବେଳକୁ ଏହାର ପାଦ ୨୦୧୪ ତୁଳନାରେ ଆହୁରି ଦୃଢ଼ ହୋଇ ସାରିଥିଲା; ପୂର୍ବାପେକ୍ଷା ଅଧିକ ଆସନରେ ବିଜୟୀ ହୋଇଥିଲା ଲୋକସଭା ନିର୍ବାଚନରେ । ଆଉ ସେବେଠାରୁ ବିରୋଧୀ ଦଳ ଭାବରେ କଂଗ୍ରେସ ହେଉ କି ଅନ୍ୟ ରାଜ୍ୟସ୍ତରୀୟ ଦଳମାନେ ଏହାକୁ ଆସନ୍ତା ୨୦୨୪ ନିର୍ବାଚନରେ କଡ଼ା ଟକ୍କର ଦେବାକୁ ସଂଘର୍ଷ କରି ଆସୁଛନ୍ତି । ଯେଉଁ ଦଳଗୁଡ଼ିକ ଶାସନରେ ଥିବା ସରକାରର ବିରୋଧୀ ଦଳ ବା ବିରୋଧୀ ଦଳମାନଙ୍କ ମେଣ୍ଟର ଏକ ଅଂଶ ଭାବରେ ନିଜକୁ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଭିତରେ ଏକତାର ଅଭାବ, ଏକ ସାଧାରଣ ମଞ୍ଚ ଏବଂ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ନିର୍ବାଚନୀ ସଫଳତାର ଅଭାବ ଥିବାରୁ ସେମାନେ ସେମାନଙ୍କ ନିଜ ପାଇଁ ଏକ ଶ୍ରୀଯୁକ୍ତ ଦୁଃଖ ଭାବମୂର୍ତ୍ତି ତିଆରି କରିଛନ୍ତି । ସେମାନଙ୍କର ଏହି ଦୁର୍ଦ୍ଦଶାକୁ ବୟାନ କରିବା ପାଇଁ ଅନେକଗୁଡ଼ିଏ କାରଣ ରହିଛି । ଏସବୁ ଭିତରେ ସର୍ବାଧିକ ଉଲ୍ଲେଖନୀୟ ହେଉଛି- ସେମାନଙ୍କ ଭିତରେ ରାଜନୀତିକ ଏକତାର ଅଭାବ । ଏହାର କାରଣ, ଅନେକ ସଂଖ୍ୟକ ବିରୋଧୀ ଦଳ, ଯେଉଁମାନେ କି ଏକାଠି ହୋଇ ଶାସକ ବିଜେପି ବିରୋଧରେ ନିର୍ବାଚନୀ ସଂଗ୍ରାମରେ ଅବତୀର୍ଣ୍ଣ ହେବାର ବାହାସ୍ଫୋଟ ମାରୁଛନ୍ତି, ସେମାନେ ବିଭିନ୍ନ ରାଜ୍ୟରେ ପରସ୍ପରର ରାଜନୀତିକ ଶତ୍ରୁ ଭାବରେ ନିର୍ବାଚନ ଲଢୁଛନ୍ତି । ଆସନ୍ତା ନିର୍ବାଚନକୁ ଆଉ ମାତ୍ର ବର୍ଷେ ଥିବା ବେଳେ ମନେ ହେଉଛି, ସତେ ଯେମିତି ବିରୋଧୀମାନେ ଏକ ମାୟାବୀ ଅଠାର ସନ୍ଧାନରେ ବ୍ୟସ୍ତ ରହିଛନ୍ତି, ଯାହା ସେମାନଙ୍କୁ ପରସ୍ପର ସହିତ ଯୋଡ଼ି ବିଡ଼ାଏ କାଠିରେ ପରିଣତ କରି ପାରିବ । ଏ ଯାବତ୍ ଏହି ସନ୍ଧାନ ଯେଉଁ ସମାଧାନର ପଥ ବହନ କରି ଆଣିବାରେ ସକ୍ଷମ ହୋଇଛି, ତାହା ଅବଶ୍ୟ 'ନୀତୀଶ କୁମାର ସୂତ୍ର' ନାମାନୁସାରେ ଯାଇପାରେ । ନିକଟରେ ଏକ ବୈଠକରେ ଏକାଠି ହୋଇଥଲେ କିଛି ବିରୋଧୀ ଦଳର ନେତା, ଯେଉଁମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଶ୍ରୀଯୁକ୍ତ ନୀତୀଶ କୁମାର, ତେଜସ୍ୱୀ ଯାଦବ, ମଲ୍ଲିକାର୍ଜୁନ ଖାଡ୍ ଏବଂ ରାହୁଲ ଗାନ୍ଧୀ । ସେହି ବୈଠକରେ ଏକଥା ଆପାତତଃ ସ୍ଥିର ହୋଇଥିଲା ଯେ ବିଜେପି ବିରୋଧରେ ଲଢ଼େଇ କରିବାକୁ ହେଲେ ସେମାନଙ୍କ ନିକଟରେ ରହିଥିବା ଏକମାତ୍ର ଉପାୟଟି ହେଉଛି, ବିରୋଧୀ ଦଳମାନଙ୍କର ଏକ ମେଣ୍ଟ ଯେଉଁଥିରେ ବ୍ୟାପକ ସଂଖ୍ୟାରେ ବିରୋଧୀମାନେ ଯୋଗ ଦେଇଥିବେ । ଶ୍ରୀଯୁକ୍ତ ନୀତୀଶ କୁମାରଙ୍କୁ ଦିଆଯାଇଛି ସର୍ବାଧିକ କଷ୍ଟକର କାମ: ସେ ସେହିସବୁ ବିରୋଧୀ ଦଳମାନଙ୍କ ସହିତ ଆଲୋଚନା କରି ମେଣ୍ଟରେ ସାମିଲ କରାଇବେ, ଯେଉଁମାନେ କଂଗ୍ରେସ ବିରୋଧରେ ନିର୍ବାଚନ ଲଢ଼ିଥାନ୍ତି । ଏଭଳି ଏକ ମେଣ୍ଟ ତିଆରି କରିବା ଅବଶ୍ୟ ଦୁରୂହ କାର୍ଯ୍ୟ ସାବ୍ୟସ୍ତ ହେବାକୁ ଯାଉଛି । କଂଗ୍ରେସ-ବିରୋଧୀ ଦଳମାନଙ୍କୁ ଗୋଟିଏ ଛତା ତଳକୁ ଆଣିବା ପାଇଁ ଶ୍ରୀଯୁକ୍ତ କୁମାର ଉଦ୍ୟମ କରିବା ବେଳେ ତାଙ୍କର ରାଜନୀତିକ ବିଜ୍ଞତାର ଶେଷ ସୀମା ପର୍ଯ୍ୟନ୍ତ ପରୀକ୍ଷା ହେବ । ତେବେ ଏଭଳି ଏକ କାର୍ଯ୍ୟ ଅସମ୍ଭବ ମଧ୍ୟ ନୁହେଁ, କାରଣ ମହାରାଷ୍ଟ୍ରରେ, ଯେଉଁଠି ବିଜେପିକୁ କ୍ଷମତାରୁ ଦୂରରେ ରଖିବା ପାଇଁ କଂଗ୍ରେସ ଏହାର ରାଜନୀତିକ ଆଦର୍ଶବାଦର ବିପରୀତରେ ଯାଇ ଶିବସେନା ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହିତ ହାତ ମିଳାଇ ଥିଲା, ତା'ର ଏକ ଉଦାହରଣ । ଏକ ମେଣ୍ଟ କରିବାକୁ ହେଲେ କଂଗ୍ରେସ ଏବଂ ଛୋଟ ଛୋଟ ଦଳମାନଙ୍କ ଭିତରେ ଯାହା କିଛି ମାନ ମନାନ୍ତର ରହିଛି, ତାହା ବାହାରକୁ ଆସିବାର ସମ୍ଭାବନା ରହିଛି, ଯଦ୍ୱାରା ସ୍ୱାର୍ଥଜନିତ ସଂଘର୍ଷ ମଧ୍ୟ ଉପୁଜି ପାରେ । ପୁଣି ବିରୋଧୀ ମେଣ୍ଟର 'ମୁହଁ' ଭାବରେ ଉଭା ହେବାକୁ ପରସ୍ପର ଭିତରେ ଯେଉଁ ପ୍ରତିଯୋଗିତା ହେବ, ତାହା ବି ଫାଟକୁ ଉସୁକାଇପାରେ । କିନ୍ତୁ ଏସବୁ ଫାଟଗୁଡ଼ିକୁ ନିରବଚ୍ଛିନ୍ନ ଭାବରେ ବିଚାରାଲୋଚନା ଏବଂ ପରାମର୍ଶଗୁଡ଼ିକ ସହିତ ଦୂର କରିଦିଆ ଯାଇପାରେ । ଶ୍ରୀଯୁକ୍ତ ନୀତୀଶ କୁମାରଙ୍କୁ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରି ଏବଂ ତାଙ୍କର ଦିଗ୍‌ଦର୍ଶନକୁ ମାନିନେବାର ମନୋଭାବ ପ୍ରଦର୍ଶନ କରି କଂଗ୍ରେସ ସୂଚାଇ ସାରିଛି ଯେ ଏହା ସବୁ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ଚଳାଇ ନେବ- ବିଜେପିକୁ ପରାଜୟର ଦ୍ୱାର ଦର୍ଶନ କରାଇବା ନିମନ୍ତେ । ଶତ୍ରୁକୁ ପରାଜିତ କରିବାକୁ ଯଦି ପାଦେ ପଛକୁ ହଟିଯିବାକୁ ପଡ଼େ, ଏବଂ ତାକୁ ସ୍ୱୀକାର କରି ନିଆଯାଏ, ତା'ହେଲେ ତାହା ବିଜ୍ଞତାର ପରିଚାୟକ ବୋଲିବାକୁ ହେବ । କାରଣ ଏକ ବଡ଼ ଯୁଦ୍ଧରେ, କଂଗ୍ରେସ ଅନୁସାରେ, ଗଣତନ୍ତ୍ରକୁ ବଞ୍ଚାଇବାକୁ ହେଲେ ବିରୋଧୀମାନଙ୍କ ଶିବିରରେ ପରସ୍ପର ସହିତ ଦୁଃଖ ସୁଖ ବାଣ୍ଟି ପାରିବା ଭଳି ମନୋବୃତ୍ତି ପ୍ରକାଶ ପାଇବା ଆବଶ୍ୟକ । ଅନ୍ୟଥା ସବୁ ବିରୋଧୀ ଦଳ ବ୍ୟକ୍ତିଗତ ଭାବରେ ନିଜ ନିଜକୁ ଶ୍ରୀଯୁକ୍ତ ଦୁଃଖ ଭାବରେ ଦେଖିବାକୁ ପାଇବେ ।

# ଭାରତ ଉପରେ ଚୀନର ଶୃଙ୍ଖଳା ରାଗ



## ଡକ୍ଟର ଲକ୍ଷ୍ମଣ ସାହୁ

ଗତ ବର୍ଷ ଡିସେମ୍ବର ହୋଇ ଥିବା ଜି ୨୦ର ଅଧକ୍ଷତା ଭାର ଭାରତ ଉପରେ ନ୍ୟସ୍ତ ଥିଲା । ଏବର୍ଷ ସେପ୍ଟେମ୍ବରରେ ଜି -୨୦ ଶିଖର ସମ୍ମିଳନୀ ମଧ ଭାରତରେ ଅଛି । ମେ ମାସ ଶେଷରେ, ଚାଇନାର ଉଦ୍ୟମରେ ଗୋଆରେ ୮ଟି ଦେଶକୁ ନେଇ ଏକ ଛୋଟ ଆଞ୍ଚଳିକ ଗୋଷ୍ଠୀ ସାଂଘାଇ ସହଯୋଗ ସଂଗଠନ ଉପରେ ଏକ ସମ୍ମିଳନୀ ଅନୁଷ୍ଠିତ ହେବ । ବର୍ତ୍ତମାନ ଭାରତ ସେହି ମିଳିତ ମଞ୍ଚର ସଭାପତି । ଫଳସ୍ୱରୂପ, ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଅନ୍ତର୍ଜାତୀୟ ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟର ସମ୍ମୁଖୀନ ହୋଇଛି ।

୨୭ଟି ୟୁରୋପୀୟ ଦେଶକୁ ନେଇ ଗଠିତ ଆମେରିକା, ବ୍ରିଟେନ ଓ ୟୁରୋପୀୟ ୟୁନିଅନ ରୁଷ-ୟୁରାନ ଯୁଦ୍ଧରେ ଭାରତର 'ନିରପେକ୍ଷ' ଆଭିମୁଖ୍ୟ ଗ୍ରହଣ କରିଥିବାରୁ ନରେନ୍ଦ୍ର ମୋଦୀ ସରକାର ଉପରେ ଅସନ୍ତୁଷ୍ଟ ଅଛନ୍ତି । ଅନ୍ୟ କେତେକ ଦେଶ ରୁଷ ବିରୋଧୀ ଓ ଚୀନ୍ ବିରୋଧୀ । କାରଣ ବର୍ତ୍ତମାନ ଚୀନ୍- ରୁଷର ବନ୍ଧୁତା ଶିଖରରେ ଅଛି । ଅନ୍ୟପକ୍ଷରେ, ମୁଖ୍ୟତଃ ଆମେରିକାର ନେତୃତ୍ୱ ନେଉଥିବା ଦଳ ବିରୋଧୀ ରଣନୀତିକ ଫୋରମ୍ 'କ୍ୱାଡ୍ରିଲାଟାରା' ('କ୍ୱାଡ୍') ଚୀନ୍ ସହିତ ତିକ୍ତତା ବୃଦ୍ଧି କରିଛି । ଏହି ଫୋରମରେ ଅବଶିଷ୍ଟ ଦୁଇଟି ଦେଶ ହେଉଛି ଅଷ୍ଟ୍ରେଲିଆ ଓ ଜାପାନ । ଏହା ଏଠାରେ କୌଣସି ପ୍ରକାର ଶେଷ ହୋଇ ନାହିଁ । ଭାରତ ମହାସାଗରୀୟ ଅଞ୍ଚଳର ପ୍ରଭାବକୁ ରୋକିବା ପାଇଁ ଆମେରିକା ଆରମ୍ଭ କରିଥିବା ୧୨ଟି ଦେଶର ଆନ୍ତର୍ଜାତୀୟ ମିଳିତ ମଞ୍ଚରେ ଯୋଗଦେବା ପରଠାରୁ ସିନୋ-ଭାରତୀୟ ସମ୍ପର୍କ ଏକ ନିମ୍ନ ସ୍ତରରେ ରହିଛି । ପାଲୱାନ ଉପତ୍ୟକାରେ ହୋଇଥିବା ରକ୍ତାକ୍ତ ବିବାଦ, ଅରୁଣାଚଳ ପ୍ରଦେଶର ସୀମା ବିବାଦ ଓ ଅରୁଣାଚଳ ପ୍ରଦେଶର ପୁନଃ ଦାବିଠାରୁ ଆରମ୍ଭ କରି ଏହାର ମୁଖ୍ୟ କାରଣ ହେଉଛି ଚୀନ୍‌ର ଗଭୀର ଭୟ ଯେ ଏହାର ପଡ଼ୋଶୀ ଭାରତ ଆମେରିକା ଓ ପାଶ୍ଚାତ୍ୟ ସହଯୋଗୀ ଦେଶ ପ୍ରତି ଅଧିକ ନିର୍ଭରଶୀଳ ।

ଅରୁଣାଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଆମେରିକା, ବ୍ରିଟେନ ଓ ରୁଷ ଦ୍ୱାରା ଏହା ବହୁ ପୂର୍ବରୁ ଘୋଷଣା କରାଯାଇଛି । ବିଭିନ୍ନ ସମୟରେ ଯେତେବେଳେ ଭାରତୀୟ ପ୍ରଧାନମନ୍ତ୍ରୀ ରାଜ୍ୟ ଗସ୍ତ କରିଥିଲେ ମଧ ଏହି ସୀମା ରାଜା ବିବାଦ କରିନଥିଲେ । ତେବେ କିଛି ଦିନ ପୂର୍ବେ ଅରୁଣାଚଳ ପ୍ରଦେଶ ଗସ୍ତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଚୀନ୍ ନିଜର ସରକାରୀ କ୍ରୋଧ ପ୍ରକାଶ କରିବା ବନ୍ଦ କରି ନଥିଲା । କିନ୍ତୁ ପୁନର୍ବାର ଦାବି କରିଛି ଯେ ଅରୁଣାଚଳ ଚୀନ୍‌ର ଏକ ଅଂଶ - ଶାହାଙ୍କ ଅରୁଣାଚଳ ଗସ୍ତ ଚୀନ୍‌ର ସାର୍ବଭୌମତ୍ୱରେ ହସ୍ତକ୍ଷେପ । ତେବେ ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାରତ ଦୃଢ ଭାବରେ ବିରୋଧ କରିଛି । ଐତିହାସିକ ତଥ୍ୟ ଅନୁଯାୟୀ, ୧୯୭୨ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୁରୁଣା ନାମର ନାମ 'ଏନଇଫାଏ' ('NEFA') (ପୂର୍ବ ସୀମା ଏଜେନ୍ସି)କୁ ଅରୁଣାଚଳ ପ୍ରଦେଶର ନାମ ଦେଇଥିଲେ ।

କୌତୁହଳର ବିଷୟ ହେଉଛି ଚୀନ୍ ଭାରତର ବିରୁଦ୍ଧରେ ଏପରି ଉତ୍ତେଜକ ଶବ୍ଦ ବ୍ୟବହାର ଅଯଥା କରୁଛି । ସେ ଜାଣେ ଯେ କିଛି ସପ୍ତାହ ମଧ୍ୟରେ, ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି - ଯେଉଁଠାରେ ଏକବିଂଶ ଶତାବ୍ଦୀର ଚୀନ୍‌ର ସର୍ବଶକ୍ତିମାନ ନେତା ତଥା ରାଷ୍ଟ୍ରପତି ସି ଜିନପିଙ୍ଗ ଉପସ୍ଥିତ ରହିବେ । ପୂର୍ବରୁ ଭାରତକୁ ଉତ୍ତେଜିତ କରିବା ପାଇଁ ବେଜିଂର ଏହା ଲକ୍ଷ୍ୟ ହୋଇପାରେ ?

ପିପୁଲ୍ସ ରିପବ୍ଲିକ୍ ଅଫ୍ ଚୀନ୍ ଇତିହାସରେ ବୋଧହୁଏ ମାଓ ଜେଡୋଙ୍ଗ ସବୁଠାରୁ ପ୍ରଭାବଶାଳୀ କମ୍ୟୁନିଷ୍ଟ ନେତା ଅଟନ୍ତି । କିନ୍ତୁ ସି ଜିନପିଙ୍ଗ ମାଓ ଅପେକ୍ଷା ବହୁତ ଶକ୍ତିଶାଳୀ । ସେ ଏକବିଂଶ ଶତାବ୍ଦୀର 'ଚୀନ୍ ସ୍ୱପ୍ନ'ର ସ୍ଥପତି ତଥା ପ୍ରୋତ୍ସାହକ ଅଟନ୍ତି । ସେହି ଦେଶରେ ସାମରିକ, ଅର୍ଥନୈତିକ ଓ ଆନ୍ତର୍ଜାତୀୟ ରାଜନୀତିରେ, ସେମାନେ ୨୦୪୧ ମଧ୍ୟରେ 'ଦୁନିଆର ସର୍ବୋତ୍ତମ' ବା 'ସର୍ବୋତ୍ତମ ଶ୍ରେଷ୍ଠ' ଆସନ କରିବାକୁ ଚାହୁଁଛନ୍ତି । କାରଣ, ସେହି ବର୍ଷ ମଧ୍ୟ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଜନ୍ମ ଶତବାର୍ଷିକୀ । କିନ୍ତୁ ଦକ୍ଷିଣ ଦୁନିଆରେ 'ଗ୍ଲୋବ' ହେବାକୁ ଇଚ୍ଛା ପ୍ରକାଶ କରିଥିବା ପଡୋଶୀ ଭାରତ ଏପର୍ଯ୍ୟନ୍ତ ଚୀନ୍ ଉପରେ ବିଶ୍ୱାସ କରିପାରିବ ନାହିଁ । ଏହା ବାସ୍ତବ ଅଟେ । ତାହା ହେଉଛି ସତ୍ୟ । ୧୯୫୧ ଟେଟନ୍ ବିଦ୍ରୋହ ସମୟରେ ଦଲାଇ ଲାମା (ଖ୍ରୀ । ୧୯୩୫) ଭାରତକୁ ପଳାଇଥିଲେ । ତାଙ୍କୁ ସେତେବେଳେ ୨୩ ବର୍ଷ ହୋଇଥିଲା । ସେହିବର୍ଷ ସେପ୍ଟେମ୍ବରରେ ରୁଷର ରାଷ୍ଟ୍ରପତି ନିକିତା କ୍ରୁଚେଭ ଚୀନ୍ ଗସ୍ତ କରିଥିଲେ । 'ଡିଜିଟାଲ୍ ଅଭିଲେଖାଗାର ୱିଲସନ କେନ୍ଦ୍ରରେ ରଖାଯାଇଥିବା ରେକର୍ଡ ଅନୁଯାୟୀ, ନିକିତା ନିଜେ ତିବ୍ବତୀୟ ସୀମାରେ ବିବାଦ ପ୍ରସଙ୍ଗ ଉଠାଇ ଅକ୍ଟୋବର ୨ରେ ମାଓ ଜେଡୋଙ୍ଗ ଓ ପ୍ରିମିୟର ଚୋ ଏନଲାଇଙ୍କ ସହ ଏକ ଗୁପ୍ତ ବୈଠକରେ ଆଲୋଚନା କରିଥିଲେ । ଅତି ସ୍ପଷ୍ଟ ଭାଷାରେ, ମାଓ ଟିଜେ ତୁଙ୍ଗଙ୍କୁ କହିଥିଲେ, 'ତିବ୍ବତରେ ଯାହା ଘଟିଛି ତାହା ତୁମର ଦୋଷ, ତୁମର ସେଠାରେ ନିଜର ବୁଦ୍ଧି ଖଟାଇ ରହିବା ଉଚିତ୍, ଦଲାଇ ଲାମାଙ୍କ ଯୋଜନା ଓ ଉଦ୍ଦେଶ୍ୟ କ'ଣ ତାହା ତୁମେ ଜାଣିବା ଉଚିତ୍ ।'

ଭାରତକୁ ଖୁବ ସ୍ପଷ୍ଟ ପୂର୍ଣ୍ଣ ସମର୍ଥନ ଦେଇ ନିକିତା କହିଛନ୍ତି - 'ଯଦି ଆପଣ ଦଲାଇ ଲାମାଙ୍କୁ ଭାରତକୁ ପଳାଇବାକୁ ଅନୁମତି ଦିଅନ୍ତି, ତେବେ ନେହେରୁ ଏହା ବିଷୟରେ କ'ଣ କରିପାରିବେ ? ଆମେ ବିଶ୍ୱାସ କରୁ ଯେ ତିବ୍ବତରେ ଘଟିଥିବା ଘଟଣା ଚୀନ କମ୍ୟୁନିଷ୍ଟ ପାର୍ଟିର ଦୋଷ, ନେହେରୁଙ୍କ ଦୋଷ ନୁହେଁ ।' ମାଓ ନିକିତାଙ୍କ ବିବୃତ୍ତିକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଛନ୍ତି । ଜୟ ଡୋଙ୍ଗ କହିଛନ୍ତି, ନା । ଏହା ନେହେରୁଙ୍କ ଦୋଷ ଓ ସେ ଆହୁରି ମଧ କହିଛନ୍ତି ଯେ ଆମେ ନେହେରୁଙ୍କୁ ମଧ ସମର୍ଥନ କରୁଛୁ । କିନ୍ତୁ ଏହି ପ୍ରଶ୍ନରେ ଆମେ ତାଙ୍କୁ (ନେହେରୁ) ଭାଙ୍ଗି ପଡିବା ଉଚିତ୍ ନୁହେଁ । ରାଜୀବ ଗାନ୍ଧୀଙ୍କ ଚୀନ୍ ଗସ୍ତର ତିନି ଦଶନ୍ଧି ପରେ ଚୀନ୍ ଭାରତ ମହାସାଗରରେ ଆମେରିକା ସହିତ ଏହାର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଛି । ଯାହାଫଳରେ ଭାରତ ଏହି ଯୁଦ୍ଧରେ ତାଙ୍କ ପାଖରେ ଛିଡା ହୋଇଛି । ସେଥିପାଇଁ ଚୀନ୍ ସୀମାନ୍ତ ପ୍ରସଙ୍ଗକୁ ବାରମ୍ବାର ଉପସ୍ଥାପନ କରି ପୁନଃ ଜୀବନ୍ତ ରଖିବାକୁ ଚାହୁଁଛି ।

କିନ୍ତୁ, ଚୀନ୍ କାହିଁକି ଚିନ୍ତିତ ହେବାର କାରଣ ହେଉଛି ? ଗତ କିଛି ବର୍ଷ ମଧ୍ୟରେ ଭାରତ ଲାଟିନ୍ ଆମେରିକା, ଆଫ୍ରିକା ସମେତ ଅନ୍ୟ ବିକାଶଶୀଳ ତଥା ବିକାଶଶୀଳ ଦେଶମାନଙ୍କ ସହିତ ଦୀର୍ଘମିଆଦୀ ସମ୍ପର୍କ ସ୍ଥାପନ କରିଛି । ବର୍ତ୍ତମାନ ପୁନର୍ବାର ଭାରତ ଜି -୨୦ ର ସଭାପତି । ଏକବିଂଶ ଶତାବ୍ଦୀର ଏସିଆରେ ଭାରତର ବୈଦେଶିକ ମନ୍ତ୍ରୀ ନାମ ଜୟଶଙ୍କରଙ୍କ ବିବୃତ୍ତି ଚୀନ୍‌କୁ ଗଭୀର ଚିନ୍ତାରେ ପକାଇଛି । ସରକାରୀ ଭାବେ ଚୀନ୍ ଏହି ଆହ୍ୱାନକୁ ସ୍ୱାଗତ କରିଛି । କିନ୍ତୁ ଏହା ଭାରତର ଉଦ୍ଦେଶ୍ୟକୁ ପ୍ରକାଶ କରିଛି । ସେହି ଏସିଆର ଶତାବ୍ଦୀ ପ୍ରଥମେ ଆଧୁନିକ ଚାଇନାର ବାଲକର ଦେ ଶାନ୍ତ ସିଂଙ୍କ ଦ୍ୱାରା କୁହାଯାଇଥିଲା । ସେତେବେଳେ ରାଜୀବ ଗାନ୍ଧୀ ୧୯୮୮ରେ ତିନୋଟି ଗସ୍ତରେ ଯାଇଥିଲେ । କେବଳ ସେତିକି ନୁହେଁ, ଚୀନ୍ ଓ ଭାରତ ମିଳିତ ହେଲେ ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ ହୋଇପାରେ ବୋଲି ସ୍ପଷ୍ଟ କରିଛନ୍ତି ।

ବିକାଶର ପଥରେ ଚାଲନ୍ତୁ । ସେପରି କିଛି ନାହିଁ । ଏହି ଲକ୍ଷ୍ୟ ହାସଲ କରିବା କୌଣସି ଦେଶ ପାଇଁ ସହଜ ସମ୍ଭବ ନୁହେଁ । ଫଳସ୍ୱରୂପ, ଏସ ଜୟଶ ଡୋଙ୍କୁ ମନେ ପକାଇ ଦେଇଛନ୍ତି, ଯାହାକି ଚୀନ୍‌ର ପ୍ରଭାବକୁ ବଢାଇବାକୁ ଚେଷ୍ଟା କରୁଥିବା ପରି ମନେହୁଏ ।

ସଂକ୍ଷେପରେ କୁହାଯାଇପାରେ ପ୍ରଥମତଃ ଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ ପୂର୍ବ ଏସିଆ, ଲାଟିନ୍ ଆମେରିକା, ଆଫ୍ରିକା ସମେତ ବିଭିନ୍ନ ବିକାଶଶୀଳ ତଥା ବିକାଶଶୀଳ ଦେଶ ସହିତ ଭାରତ ଭଲ ସମ୍ପର୍କ ସ୍ଥାପନ କରିଛି । ବର୍ତ୍ତମାନ 'ଜି୨୦'ର ସଭାପତି । ଭାରତର ଏହି ବୃଦ୍ଧିକୁ ଚୀନ୍ ଗ୍ରହଣ କରିବାକୁ ଅସମର୍ଥ । ତେଣୁ ଅରୁଣାଚଳ ପ୍ରଦେଶ ଟେନସନକୁ ଜୀବନ୍ତ ରଖିବାକୁ ଚାହୁଁଛି ।

ଦ୍ୱିତୀୟତଃ ଦଲାଇ ଲାମା (ଖ୍ରୀ । ୧୯୩୫) ୧୯୫୯ 'ତିବ୍ବତୀୟ ବିଦ୍ରୋହ' ସମୟରେ ଭାରତକୁ ପଳାଇଥିଲେ । ତାଙ୍କୁ ସେତେବେଳେ ୨୩ ବର୍ଷ ହୋଇଥିଲା । ସେହିବର୍ଷ ସେପ୍ଟେମ୍ବରରେ ରୁଷର ରାଷ୍ଟ୍ରପତି ନିକିତା କ୍ରୁଚେଭ ଚୀନ୍ ଗସ୍ତ କରିଥିଲେ । ଅତି ସ୍ପଷ୍ଟ ଭାବରେ ମାଓ ଜେଡୋଙ୍ଗ କହିଛନ୍ତି,- 'ତିବ୍ବତରେ ଯାହା ଘଟିଛି ତାହା ତୁମର ଦୋଷ ।' ଚୀନ୍ ଏହାକୁ ଗ୍ରହଣ କରିବାକୁ ଚାହୁଁନଥିଲା..!!!


ଉ ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪

ମୋ:୯୦୪୦ ୧୫୧୪୭୫


# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?



## ଗୋପାଳ ମହାପାତ୍ର

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି । ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ କହୁନାହାଁନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ । ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି)ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି । ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି । ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି । ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି । ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ ବିକ୍ରି କରାଯାଉଅଛି । ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ । କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି । ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ ପ୍ରଦୂଷିତ ହୋଇଥାଏ । ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି । ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧ୍ୟମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି । ପ୍ରଚାର ଓ ବିଜ୍ଞାପନ କାରରଣୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି । ମଧ୍ୟମବର୍ଗର ଲୋକମାନେ ମଧ ଏହାକୁ ଆପଣେଇ ନେଲେଣି । ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ । କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା । ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି । ନିଜେ ସରକାର ମଧ ରେଳ ନୀର, ୱାର୍ଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି । ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ କରୁଛନ୍ତି ।

ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ । ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍‌ର ବ୍ୟବହାର କରାଯାଏ । ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ । ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ ବ୍ୟବହାର କରାଯାଇଥାଏ । ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃଷ୍ପ୍ରଭାବ ଦେଖାଇଥାଏ । ଏଂଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଂଟିମନିର ମାତ୍ରା ସେତିକି ବଢିବ । ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ । ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି ।

ବୋତଲ ପାଣିର ପ୍ରଥା କ୍ଷତିକାରକ । ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି । କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି । ସେନ୍ ଫ୍ରାନ୍‌ସିସ୍କୋରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି । ସଲ୍ଟଲେକ୍ ସିଟିରେ ମଧ ଏହାର ବିକ୍ରି ନିଷିଦ୍ଧ । ପ୍ରକୃତ କଥା ହେଉଛି, ପ୍ରକୃତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ । ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ । ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା । ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ କମିଯାଆନ୍ତା । କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ । ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି । ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି । କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?


ରାମଚନ୍ଦ୍ରପୁର, ରଣପୁର,

ମୋ-୯୪୩୮୪୮୫୦୯୪





## ଜଳ ହିଁ ଜୀବନ

### ନିକୁଞ୍ଜ କୁମାର ଘୋଷ

ଜଳ ହିଁ ଜୀବନ ଜୀବ ପାଇଁ ଜଳ
ଅମୂଲ୍ୟ ସମ୍ପଦ ଅଟେ
ଦେଖିବା ପାଇଁ କି ଅନ୍ଧାରକୁ ଆଉ
ଦିନର ଆଲୋକ ଯୁଟେ ।
ଜଳ ଶତକଡା ସତୁରୀର ଭାଗ
ଶରୀର ଓଜନେ ଥାଏ
ଦିନ ଅବା ରାତି ଶୀତ ବର୍ଷା ତାତି
ବ୍ୟବହାର ନିତି ହୁଏ ।
ଜଳର ବିହୁନେ ମରୁଡି ଆସଇ
ପଡି ଯାଏ ହାହାକାର
ଯାହା ପାଇଁ ବଞ୍ଚେ ନଷ୍ଟ କରେ ତାକୁ
ଲାଜ ନାହିଁ ମୁଖେ ଯାର ।
ଜଳ ବିନା ଜୀବ ମୁହୂର୍ତ୍ତେ ବଞ୍ଚିବା
ସମ୍ଭବ ନୁହଁଇ ଜମା ଧରିବ
ସଞ୍ଚି ରଖିବ ହେ ଯେମନ୍ତ ପ୍ରକାର
ଧନ କରୁଥାଅ ଜମା ।।
ଜଳ ଅପଚୟ କର ନାହିଁ ବନ୍ଧୁ
ସଂକଟ ହେଲାଣି ପରା
ଜୀବ ଜଗତକୁ କେମିତି ଧରିବ
ତ୍ରାହି ତ୍ରାହି ବୋଲେ ଧରା ।
ଜଳାଭାବ ଦେଖି ମଣିଷ ମୁଣ୍ଡରେ
ତିଳେ ଆସୁ ନାହିଁ ଚେତା
ଭାଗ୍ୟ ଆକାଶରେ ବିପତ୍ତି ଆସିଲେ
ମିଠା ବି ଲାଗଇ ପିତା ।
ଜଳକୁ ଦୂଷିତ ମଣିଷ କରୁଛି
ସ୍ୱାର୍ଥେ ହୁଏ ଯେବେ ଅନ୍ଧ
ନାନା ବ୍ୟାଧି ଯେବେ ଗ୍ରାସଇ ଜଗତ
କହିଲେ ହୋଇବୁ ମନ୍ଦ ।
ଜଳ ହିଁ ଜୀବନ ଏ ତ ଧ୍ରୁବ ସତ୍ୟ
ସନ୍ଦେହ ଯେ ଟିକେ ନାହିଁ
ଜଳ ସଂରକ୍ଷଣେ ଜଳ ଦିବସରେ
ଶପଥ ନେଉଛି ମୁହିଁ ।


♥ସା-ମାଧବପୁର, ପୋ-ଲକ୍ଷ୍ମଣନାଥ, ଥାନା-ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର-୭୫୬୦୩୨
ମୋ-୮୧୪୪୮୫୧୦୪୫ .


## ଏମିତି ହୁଅନ୍ତାନି

### ସତ୍ୟବ୍ରତ ଦାସ

ଏମିତି ହୁଅନ୍ତାନି,
ପୁଣି ଆମେ ଫେରିଯା'ନ୍ତେ
ସେଇ ଦୁର୍ଗମ ଅତୀତକୁ
ସେ ପ୍ରେମ ନଈ ଧାରକୁ
ବ୍ରାହ୍ମଣୀର କୋଳକୁ,
ଠିକ୍ ଯେମିତି କିଛି ବର୍ଷ ତଳେ
ହାତରେ ହାତକୁ ଛନ୍ଦି
ନୀରବ ନିସ୍ତବ୍ଧ ହେଇ
ବ୍ରାହ୍ମଣୀ କୂଳ ପଥରରେ ବସି
ଆମେ ହଜି ଯାଉଥିଲେ
କଳ୍ପନାର ରାଇଜରେ

ଆଜି ସେ ସବୁ ଅତୀତ ସ୍ମୃତି କେବଳ,
ତଥାପି କାହିଁକି କେଜାଣି....
ଆଜି ସେ ଅତୀତ ସ୍ମୃତିରେ
ଭିଜିବାକୁ ମନ

ତୁ ଗଲା ପରେ ସହରଟା ମୋର
ଅଚିହ୍ନା ଅଚିହ୍ନା ଲାଗୁଥିଲା
ଏବେ ଏବେ ପୁଣି ଚିହ୍ନା ଚିହ୍ନା ଲାଗେ
ଲାଗୁଛି ତୋ ଆଗମନ ହେଲା

ତୁ ଆସିବୁ କି ଆଉଥରେ
ମୁଁ ତୋ ଅପେକ୍ଷାରେ
ବୁଢ଼ୀ ବ୍ରାହ୍ମଣୀର ତୀରେ
ବୟସର ଅପରାହ୍ନରେ......

ହଁ, ତୁ ଏବେ କୂଳବଧୂ
ତୋ ସ୍ୱପ୍ନର ସହରେ
ଆଉ ମୁଁ ବିଧୂରା ପ୍ରେମିକଟିଏ
ଆଜି ବି ତୋ ପ୍ରେମରେ...
ଆଜି ବି ତୋ ପ୍ରେମରେ.....


♥ରାଉରକେଲା
ମୋ: ୯୩୩୭୩୭୬୨୬୪


## ପ୍ରସନ୍ନତା

### କସ୍ତୁରୀ ଚରଣ ରାଉତ

ପ୍ରସନ୍ନତା ଏକ ମନର ଅବସ୍ଥା
ଆନନ୍ଦ ଆହ୍ଲାଦ ଭାବ
ପ୍ରକାଶିତ ହୁଏ ଶୁଭକାର୍ଯ୍ୟେ ଅବା
ପ୍ରିୟ ବସ୍ତୁ କଲେ ଲାଭ ।

ଖେଳନା ଦେଖିଲେ ଖୁସିହୁଏ ଛୁଆ
ଶାଢୀ ଗହଣାରେ ନାରୀ
ଭଜନ କୀର୍ତ୍ତନ ପ୍ରସନ୍ନତା ଭରେ
ହେବାପାଇଁ ଭବୁ ପାରି ।

ମାଆକୁ ଦେଖିଲେ ଖୁସିହୁଏ ଛୁଆ
ଚାକିରିଆ ପଦୋନ୍ନତି
ପ୍ରଶଂସା ଶୁଣିଲେ ପ୍ରସନ୍ନ କେ ହୁଏ
ଧନ ଦେଖି କେହି ତୃପ୍ତି ।

ଦୁଃଖ ଅନଟନ ଭିତରେ ଯେ ଜନ
ବିଷଣ୍ଣ ଭାବ ନ ଧରି
ହସି ହସି ନିଜ କାମ କରିଯାଏ
ପ୍ରସନ୍ନତା ମୁଖେ ଭରି ।

ବିପଦ ଆପଦ ଆସିଲେ ବି ଯେତେ
ହୁଏନାହିଁ ବାଟ ବଣା
ସୁଖଦୁଃଖର ଏ ସଂସାର ଭିତରେ
ସୁଖୀ ମଣିଷରେ ଗଣା ।
ଈଈଈ


♥ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ, ବଲାଙ୍ଗିର
ମୋ.୮୯୧୭୩୭୩୪୮


## ମାନସୀ ବାଳିକା ବଧୂ

### ବେଣୁଧର ସୂତାର

ଅନେକ ଯୁଗର ପ୍ରୀତି ଉପଚାର
ସ୍ୱପ୍ନ ଭିଜା ଏକ ମନ
ଠିକଣା ବିହୀନ ନୀଳ ସମ୍ମୋହନ
ସପନ କୁହୁକ ବନ
ମହକିତ ପ୍ରୀତି ଭାବ
ମନ କଳ୍ପନାର ସୁରଭି ସମ୍ଭାର
ରୋମାଞ୍ଚିତ ଅନୁଭବ ।

ପ୍ରୀତି ମଞ୍ଜରୀର କୁହୁକ କୁଞ୍ଜରେ
ତୁମେ ସପନର ଫୁଲ
ରଙ୍ଗ ରସ ରାସ ଅପୂର୍ବ ବିନ୍ୟାସ
ରୂପ ଗୁଣ ସମତୁଲ
ଲାବଣ୍ୟ ଏ ଉପବନେ
ମନ ଝୁମିଯାଏ ମୋହିନୀ ମାୟାରେ
ପ୍ରୀତି ମଧୁ ସମ୍ମୋହନେ ।

ମନ କୁଞ୍ଜବନେ ସ୍ୱପ୍ନିଳ ଲଗନେ
ପ୍ରଣୟ ର ଫୁଲ ଝରେ
ବୁକୁରେ ଖେଳଇ ମାଦକ ତରଙ୍ଗ
ବୟସ ନଦୀର ତୀରେ
ରୂପ କୁହୁକ ର ଧାରେ
କୂଳ ଲଙ୍ଘିଯାଏ ଅମାନିଆ ମନ
ସ୍ୱପ୍ନିଳ ଏ ଦିଗନ୍ତରେ ।

ବନ ମୟୂରୀ ଗୋ ମନଚୋରି କରି
ନିତି ସପନରେ ଆସ
ମଧୁଝରା ତୁମ ରେଶମୀ ଓଠରେ
ମାଦକିତ ମୃଦୁ ହସ
ଅଳସୀ ରୂପର ଧାରା
ଯଉବନ ଛନ୍ଦ ବୟସ ଉନ୍ମାଦ
କରିଦିଏ ଆତ୍ମହରା ।

ନୀଳ ନୟନାର ଲାବଣ୍ୟ ମାଧୁରୀ
ଯୋଗୀ ମନଭୁଲା ବେଶ
ତନୁତୀର୍ଥେ ମୋର ଭରେ ଶିହରଣ
ତା ପଦ୍ମ ପଲାଶ ହସ
ଝରିପଡେ ପ୍ରୀତି ମଧୁ
ପ୍ରୀତି ପଦ୍ମଗନ୍ଧା ପ୍ରିୟା ମଧୁ ଛନ୍ଦା
ମାନସୀ ବାଳିକା ବଧୂ ।

ମାନସୀ ଗୋ ତୁମ ରୂପ ସୁଷମାର
ଚିତ୍ରପୁରୀ ଚକ୍ରବାଳେ
ତମସା ତୀରେ ମୁଁ ବୀରହୀ ତପସ୍ୱୀ
ନିଶୀଥ ସ୍ୱପ୍ନର କୋଳେ
ଜଳୁଛି ବିରହାନଳେ
ପ୍ରୀତିର ମଦିରା ପିଆଲାରେ ଭରି
ଆସ ପ୍ରିୟା ମଧୁଶାଳେ
ଆସ ପ୍ରିୟା ମଧୁଶାଳେ ।


♥କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬

# କୃଷକ ଆୟ ଦ୍ୱିଗୁଣିତ ସମୀକ୍ଷା ବୈଠକ: ଏପ୍ରିଲ୍ ଶେଷ ସୁଦ୍ଧା ଚାଷୀ ଚିହ୍ନଟ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ୧ ଲକ୍ଷ ଚାଷୀଙ୍କୁ ଚିହ୍ନଟ କରିବା କାର୍ଯ୍ୟ ଏପ୍ରିଲ୍ ୩୦ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ହିତାଧିକାରୀ ଚୟନ କ୍ଷେତ୍ରରେ ସମ୍ବେଦନଶୀଳ କୃଷକ ପରିବାର ଓ ମହିଳା କୃଷକଙ୍କୁ ଅଗ୍ରାଧିକାର ଦେବାକୁ ସେ ପରାମର୍ଶ ଦେଇଛନ୍ତି। କୃଷି ଭବନଠାରେ ଆୟୋଜିତ ବୈଠକରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ୨୦୨୩-୨୪ ବର୍ଷର କାର୍ଯ୍ୟଖସଡ଼ାର ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି, ମିଲେଟ୍ ମିସନ, ଫସଲର ବିବିଧିକରଣ ସମେତ ମତ୍ସ୍ୟ ଓ ପ୍ରାଣୀପାଳନ ମାଧ୍ୟମରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିହେବ। କୃଷକଙ୍କ ଆୟ ବୃଦ୍ଧି କରିବା ଦିଗରେ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଏକ ଉପଯୋଗୀ ପଦକ୍ଷେପ।

ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଂପୃକ୍ତ ନିର୍ଦ୍ଦେଶକମାନଙ୍କୁ ନେଇ ପ୍ରତି ମାସରେ ସମନ୍ୱୟ ବୈଠକ କରି କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଉଛି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ମଧ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକ କରିବା ସହିତ ପ୍ରତ୍ୟେକ ବ୍ଲକ୍‌ରେ ଦୁଇ ଜଣ ମାଷ୍ଟର ଟ୍ରେନର ବ୍ୟବସ୍ଥା କରିବାକୁ କୁହାଯାଇଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟସ୍ତରୀୟ କମିଟି ସମତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ କମିଟି ଗଠନ କରାଯାଇଛି। ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ହେଉଛି। ହିତାଧିକାରୀଙ୍କ ତାଲିକା ଓ ଆନୁଷଙ୍ଗିକ ତଥ୍ୟ ବିଭାଗୀୟ ୱେବ୍‌ସାଇଟ୍‌ରେ ମେ ୧୫ ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ମୃର୍ତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ସିଡିଭିଓ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଜି-୨୦ ଜନଭାଗୀଦାରି କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଭୁବନେଶ୍ୱରଠାରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଏକ ମାସବ୍ୟାପୀ ଜନଭାଗୀଦାରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଆଜି ଭୁବନେଶ୍ୱରସ୍ଥିତ ସିଟିଟିସି ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଏଥିରେ ଜି-୨୦ ଲୋଗୋ ଡିଜାଇନ କରିଥିଲେ। ଅନୁରୂପଭାବେ ଭୁବନେଶ୍ୱରର ପଦାର୍ଥବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଭାରତରେ ଆୟୋଜିତ ହେଉଥିବା ଜି-୨୦ ସମ୍ମିଳନୀ ଉପରେ ଆଧାରିତ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ସେହିପରି ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଟୁରିଜିମ୍ ଏଣ୍ଡ୍ ଟ୍ରାଭେଲ୍ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଓ ଭ୍ରମଣ ଅଧ୍ୟୟନ ବିଭାଗ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉଭୟ ଶିକ୍ଷାନୁଷ୍ଠାନ ପକ୍ଷରୁ 'ଐତିହ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ବିଷୟକୁ ନେଇ ଏକ ସେମିନାର ଆୟୋଜନ କରାଯାଇଥିଲା। ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ଷେତ୍ରରେ ସହଭାଗିତା ଏବଂ ଛାତ୍ରଛାତ୍ରୀଙ୍କ ନିଯୁକ୍ତି କୌଶଳ ବିକାଶ ଉଦ୍ଦେଶ୍ୟରେ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା।

ରାଉରକେଲା ସେକ୍ଟର-୬ ଏବଂ ବରଗଡ଼ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଆଇଏସଏମ୍‌-ଆଇଆରଏମ୍‌ଆରସି ପକ୍ଷରୁ ପିପିଲି ସେଣ୍ଟ ଜେଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଇଜର ବ୍ରହ୍ମପୁର ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷକମାନଙ୍କ ପାଇଁ କ୍ଷମତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନ୍ୟପଟେ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଆଜି ପ୍ରଶ୍ନୋତ୍ତର, ବକ୍ତୃତା, ସ୍ଲୋଗାନ, ପ୍ରବନ୍ଧ ଲେଖା ଓ ଛାୟା ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

# ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ଅଭିଯୋଗ: ସ୍ୱାମୀ ନାମରେ ମାମଲା

ଜୟପୁର, ୧୯/୦୪ (ନି.ପ୍ର): ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଜୟପୁର ଲିଙ୍ଗରାଜ ନଗରର ଚଂଚଳା ମୁଦୁଲି ଗତ ୫ ବର୍ଷ ତଳେ ମାଧ ବେଶ ମାରାଣ୍ଡି କୁ ବିବାହ କରିଥିଲେ। ବିବାହର ୫ ବର୍ଷ ଠିକ ରେ ଚାଲି ଥିବା ବେଳେ ପରବର୍ତୀ ସମୟରେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେବା ସହ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି।

# ଖଣିଜ ମାନ ହେରଫେରକୁ ରୋକିବ ଆଇଓଟି ଡିଭାଇସ୍



ଯୋଡ଼ା, ୧୯/୦୪ (ନି.ପ୍ର): ଖଣିରେ ଲୁହାପଥରର ମାନରେ ହେରଫେର ଏବଂ ରାଜସ୍ୱ ଫାଙ୍କିକୁ ରୋକିବା ପାଇଁ ରାଜ୍ୟ ସରକାର ପ୍ରଥମକରି ଏକ ଉନ୍ନତ ଜ୍ଞାନକୌଶଳ ଆରମ୍ଭ କରିଛନ୍ତି। ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଡିଭାଇସ୍ ଏହି ହେରଫେରକୁ ରୋକିପାରିବ ବୋଲି ଯୋଡ଼ା ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଡିଭାଇସଟି ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟରେ ସ୍ଥାପିତ କରାଯାଇଛି। ଫଳରେ ଅସାଧୁ ଅଧିକାରୀ ଏବଂ ଖଣି କାରବାରରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ମଧ୍ୟେ ଭାଳେଣି ପଡ଼ିଛି। ଏହି ଯନ୍ତ୍ର ଏକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଖଣିଜ ମାନରେ ଚଞ୍ଚକତା କରି କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଲୁହା ପଥର ମାନ ବା ଗ୍ରେଡ୍‌ରେ ନିମ୍ନମାନର ଦର୍ଶାଇ ପରିବହନ ଅନୁମୋଦନ ହାସଲକୁ ରୋକାଯାଇ ପାରିବ। ଏହି ଡିଭାଇସ୍‌ର କାର୍ଯ୍ୟପ୍ରଣାଳୀ ଉପରେ ସୂଚନା ମିଳିଛି ଯେ, ଖଣିରୁ ଖଣିଜ ନମୁନା ସଂଗ୍ରହ ବେଳେ ଜିଓ ରେଫରେନ୍ସ ଜରିଆରେ ଜିପିଏସ୍ ଟେକ୍ନୋଲୋଜି ସାହାଯ୍ୟରେ ଖଣିଜ ଷ୍ଟାକର ରେଣ୍ଡମ୍ ଜେନେରେସନ ସାମ୍ପଲିଂ ଲୋକେସନ ପ୍ରଣାଳୀରେ ନମୁନା ସଂଗ୍ରହ କରି ଆଇଓଟି ଡିଭାଇସ୍ ଜରିଆରେ ମାନ ଯାଞ୍ଚ କରାଯିବ। ପରବର୍ତ୍ତୀ ସମୟରେ ଖଣିର ନାମକୁ ଗୋପନ ରଖି କେବଳ କିଉଆର୍ କୋଡ ଜରିଆରେ ଖଣିଜର ମାନ ଜାଣି ହେବ। ଏଥିରେ ହେରଫେର ବା ମାନରେ କୌଣସି ଅସାଧୁ ଉପାୟ ଅବଲମ୍ବନ କରି ହେବନାହିଁ। ପୂର୍ବରୁ କିଛି ଅସାଧୁ ଲିଜଧାରୀ ଗ୍ରେଡ୍‌ରେ ହେରଫେର କରି ରାଜସ୍ୱ ଫାଙ୍କୁ ଥିଲେ। ରାଜ୍ୟ ଖଣି ବିଭାଗ ଏହାକୁ ରୋକିବା ପାଇଁ ଯୋଡ଼ାରେ ପ୍ରଥମକରି ଏହି ପ୍ରଯୁକ୍ତି ବିଦ୍ୟା ସମ୍ମିଳିତ ଆଇଓଟି ଡିଭାଇସ୍‌ର ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ଲୁହାପଥର ମାନ ହେରଫେରକୁ କିପରି ଏହି ଜ୍ଞାନ କୌଶଳ ରୋକିପାରିବ ଆଗାମୀଦିନରେ ଜଣାପଡ଼ିବ।

# ଗୁର୍ଜୁଙ୍ଗଠାରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ଷୋହଳ ସଂସ୍କାର କାର୍ଯ୍ୟକ୍ରମ

ଭବାନୀପାଟଣା, ୧୯/୦୪ (ନି.ପ୍ର): ଭବାନୀପାଟଣା ବ୍ଲକ ଗୁର୍ଜୁଙ୍ଗ ଠାରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ଷୋହଳ ସଂସ୍କାର କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ମହାଯଜ୍ଞରେ ମୁଖ୍ୟ କର୍ତା ଭାବରେ ଗିରିଧାରୀ ପାୟସିଂହ ଦମ୍ପତି ସହ ନବ କୁଣ୍ଡରେ ନବ ଗୋଟି ଦମ୍ପତି ସହ ଅଂଚଳର ଶହ ଶହ ଗାୟତ୍ରୀ ପରିବାର ଭକ୍ତ ମାନେ ଆଧାତ୍ମିକ ଭକ୍ତିରେ ମଜ୍ଜି ଯାଇଥିଲେ।

ଏହି କାର୍ଯ୍ୟକ୍ରମରେ ଟୋଲୀ ନାୟକ ଓ ସାଥି ମାନେ ଗାୟତ୍ରୀ ଶକ୍ତିପୀଠରେ ଯୋଗଦାନ କରି ସୁନ୍ଦର ଭାବରେ ପରମ ପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀ ରାମ ଶର୍ମା ଆଚାର୍ଯ୍ୟ ଏବଂ ପରମ ପୂଜ୍ୟା ବନ୍ଦନୀୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ସୂକ୍ଷ୍ମ ସଂରକ୍ଷଣରେ ଏହି ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ସୁନ୍ଦର ଭାବରେ ପରିଚାଳନା କରାଯାଇଛି। ଗତକାଲି ଅନେକ ମହିଳା ଉଦନ୍ତୀ ନଦୀରୁ କଳସ ଯାତ୍ରା କରିଥିଲେ। ହରି ବୋଲ ହୁଳହୁଳିରେ ଅଂଚଳ ପ୍ରକମ୍ପିତ ହୋଇଥିଲା। ଏହି ଯଜ୍ଞରେ କୁଣ୍ଡା ବୁରା, ଗର୍ଭ ସଂସ୍କାର, ମୁଣ୍ଡନ ସଂସ୍କାର, ଦୀକ୍ଷା ସଂସ୍କାର, ବିବାହ ସଂସ୍କାର ଇତ୍ୟାଦି ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ କରାଯାଇ ଧାର୍ମିକ ଚେତନା ଜାଗ୍ରତ କରିବାର ମୂଳ ଲକ୍ଷ୍ୟ, ମନୁଷ୍ୟ ଭିତରେ ଦେବତ୍ୱର ରୋପଣ ଏବଂ ଧରା ପୃସଟ୍ଟ ସ୍ୱର୍ଗର ଅବତରଣ ତଥା ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ, ସାମାଜିକତା ନିର୍ମାଣ ଏହାର ଉଦ୍ଦେଶ୍ୟ ବୋଲି ପ୍ରକାଶ।

ଏହି ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞରେ ଗଣେଶ ପ୍ରଧାନ ବିଭିନ୍ନ ପ୍ରାନ୍ତରୁ ଗାୟତ୍ରୀ ପରିଜନ ଦକ୍ଷ କୁମାର ସାହୁ, ଅରୁଣି, ନବ, ପ୍ରଭାକର, ବିଷ୍ଣୁ ପ୍ରମୁଖ ପରିଚାଳନା କରୁଥିବା ବେଳେ ଏହା ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଭକ୍ତ ତଥା ଦର୍ଶକ ମାନଙ୍କୁ ଅନ୍ନଛତ୍ର ପ୍ରସାଦ ସେବନ କରିବାର ବ୍ୟବସ୍ଥା ଠିକ ଭାବରେ ପରିଚାଳନା କରାଯାଉଥିବା ଜଣାଯାଏ।

## ମହିଳାଙ୍କୁ ନିର୍ଯ୍ୟାତନା ଅଭିଯୋଗ: ସ୍ୱାମୀ ନାମରେ ମାମଲା

ଜୟପୁର, ୧୯/୦୪ (ନି.ପ୍ର): ମହିଳାଙ୍କୁ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ତେଲିଆ ଗ୍ରାମର ଗିତା ହରିଜନ ଜୟପୁର ମହିଳା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ତେଲିଆ ଗ୍ରାମର ସରୋଜ ହରିଜନ କୁ ଗତ ୧୨ ତଳେ ବିବାହ କରିଥିଲେ। ବିବାହ ପରେ ୧୧ ବର୍ଷ ଠିକରେ ଚାଲିଥିବା ବେଳେ ୧ ବର୍ଷ ହେବ ସ୍ୱାମୀ ସରୋଜ ସ୍ତ୍ରୀ କୁ ମାର ପିଟ କରି ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଲାଲକିଲାର ଭ୍ରମ ସୃଷ୍ଟି କରୁଛି ୫-ଟି ଆଦର୍ଶ ବିଦ୍ୟାଳୟ

ମାଲକାନଗିରି, ୧୯/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଲାଲ କିଲାର ଭ୍ରମ ସୃଷ୍ଟି କରୁଛି ୫ଟି ଆଦର୍ଶ ବିଦ୍ୟାଳୟ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀ କେବେ ଦିଲ୍ଲୀର ଲାଲ କିଲା ଦେଖି ନଥିବା ବଳେ ଲାଲକିଲା ଭିତରେ ବସିକି ପାଠ ପଢୁଛନ୍ତି। ଏହି ଦୃଶ୍ୟ ମାଲକାନଗିରି ଜିଲ୍ଲାର ଚାଲାଣ ଗୁଡା ପଂଚାୟତ ସ୍ଥିତ ଗନ୍ଧିପାଲି ଆଦିବାସୀ ଗ୍ରାମରେ ଥିବା ଆଦର୍ଶ ବିଦ୍ୟାଳୟରେ ଦେଖିବାକୁ ମିଳିଛି, ଉକ୍ତବିଦ୍ୟାଳୟ ଟିକୁ ୫-ଟି ରେ ସାମିଲ କରାଯାଇ ଏପରି ରଙ୍ଗବେରଙ୍ଗ ଭାବେ ସୁସଜ୍ଜିତ କରାଯାଇଛି ଯେ ହଠାତ୍ ଭ୍ରମ ସୃଷ୍ଟି କରୁଛି। ସତରେ ଯେମିତି ପିଲାମାନେ ଐତିହାସିକ ସ୍ଥଳ ଲାଲ କିଲାରେ ପାଠ ପଢୁଛନ୍ତି। ବିଦ୍ୟାଳୟଟିକୁ ଏଭଳି ଆକର୍ଷଣୀୟ ରୂପରେ ସଜା ଯାଇଥିବାରୁ ଛାତ୍ରଛାତ୍ରୀମାନେ ଭାରି ଖୁସି ରହିଛନ୍ତି। ଗାନ୍ଧିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟଟିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତି ମନୋରମ ଭାବରେ ସଜେଇ ଥିବା ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ସଚିବଙ୍କୁ ଧନ୍ୟବାଦ ମଧ ଦେଇଛନ୍ତି। ଉତମ ସୁବିଧା ସୁଯୋଗ ସହ ଡିଜିଟାଲ କ୍ଲାସରୁମ ଏବଂ ଇ-ଲାଇବ୍ରେରୀ ମାଧ୍ୟମରେ ଆମେ ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରିପାରିବୁ ବୋଲି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରେ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ପ୍ରବେଶ ଦ୍ୱାରଟି ସତେ ଯେପରି ଦିଲ୍ଲୀର ଲାଲ କିଲା ସଦୃଶ୍ୟ ଚିତ୍ରଣ କରାଯାଇଛି। ଏହା ବ୍ୟତୀତ ବିଦ୍ୟାଳୟର କୋଠରୀଗୁଡିକ ମଧ ବିଭିନ୍ନ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ସହିତ ବିଭିନ୍ନ ମହାପୁରୁଷ ଓ ନାନା ପ୍ରକାର ଶିକ୍ଷଣୀୟ ବସ୍ତୁ ସୁନ୍ଦର ଭାବରେ ଚିତ୍ରଣ କରା ଯାଇଛି। ଗତ କିଛି ଦିନ ହେଲା ଏହି ବିଦ୍ୟାଳୟ ଟି ଏକ ପର୍ଯ୍ୟଟନ ସ୍ଥଳୀ ପାଲଟି ଯାଇଛି, ବିଭିନ୍ନ ଗ୍ରାମରୁ ଲୋକ ମାନେ ଦେଖିବାକୁ ଆସୁଥିବାର ଜଣାପଡିଛି !

# ଭିତରକନିକାରେ ନିର୍ମାଣ ହେବ ଅତ୍ୟାଧୁନିକ ସୂଚନା କେନ୍ଦ୍ର

କେନ୍ଦ୍ରାପଡ଼ା, ୧୯/୦୪ (ନି.ପ୍ର): ବିଶ୍ୱ ବିଖାତ ପର୍ଯ୍ୟଟନ କେନ୍ଦ୍ର ତଥା ଜୈବ ବିବିଧତାର ଗନ୍ତାଘର ଭିତରକନିକା ରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ତଥା ସୁବିଧା ସୁଯୋଗ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ। ୫୭ କୋଟି ଟଙ୍କା ବ୍ୟୟରେ ଭିତରକନିକାରେ ସୂଚନା କେନ୍ଦ୍ର, ୱାଚ୍ ଟାୱାର, ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର, ସେଲଫି ପଏଣ୍ଟ ପ୍ରଭୃତି ନିର୍ମାଣ କରାଯିବ। ଭିତରକନିକାର ଜଙ୍ଗଲ ମଧ୍ୟରେ ଚାରି ମହଲା ବିଶିଷ୍ଟ ୱାଚ୍ ଟାୱାର ନିର୍ମାଣ ହେବାକୁ ଥିବା ବେଳେ ଡାଙ୍ଗମାଳ ଠାରେ ପର୍ଯ୍ୟଟକ ମାନେ ଫଟୋ ଉଠାଇବା ପାଇଁ ସେଲଫି ପଏଣ୍ଟ ନିର୍ମାଣ କରାଯିବ। ଏହା ସହ ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର ନିର୍ମାଣ କରାଯାଇ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନର ସୁବିଧା ସୁଯୋଗ ପ୍ରସ୍ତୁତ କରାଯିବ। ଭିତରକନିକାର ପ୍ରବେଶ ପଥରେ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଭିତରକନିକା ର ସମଗ୍ର ଇତହାସ, ଭୌଗୋଳିକ ଅବସ୍ଥିତି, ଜୈବ ବିବିଧତାର ସୂଚନା ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ମାନଙ୍କ ପାଇଁ ଭୀତରକନିକା ଅଂଚଳ ବୁଲି ଦେଖିବାକୁ ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା କରାଯିବ। ଏଥି ସହିତ ଯାନବାହନ ରଖିବାକୁ ପାର୍କିଂ ସ୍ଥାନ, ଜିନିଷପତ୍ର ରଖିବା ପାଇଁ ଷ୍ଟୋର ରୁମ୍ ଓ ଆମ୍ଫିଥିଏଟର ର ବ୍ୟବସ୍ଥା କରାଯିବ। ଭିତରକନିକା ର ପ୍ରବେଶ ପଥରେ ଦୁଇଗୋଟି ଟିକେଟ୍ କାଉଣ୍ଟର ଖୋଲା ଯିବାର ମଧ ବ୍ୟବସ୍ଥା ରହିବ। ଏସବୁ କାର୍ଯ୍ୟ କରିବା ପାଇଁ ୫୭କୋଟି ଟଙ୍କା ବ୍ୟବ ବରାଦ କରାଯାଇ ଥିବା ଜଣାପଡିଛି।

# ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ନୂଆପଡ଼ା, ୧୯/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବିଜୁ ପଟ୍ଟନାୟକ କଲେଜର ଓଡ଼ିଆ ପ୍ରାଧ୍ୟାପକ ରବିରଞ୍ଜନ ପ୍ରଧାନ ଓ ଭୂଗୋଳ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା ଉଭୟେ ଚାକିରି କ୍ଷେତ୍ରରୁ ଅବସର ନେଇ ସାରିଛନ୍ତି। ବିଜୁ ପଟ୍ଟନାୟକ କଲେଜ ବୋଡ଼େନ ପୁରାତନ ଛାତ୍ରଛାତ୍ରୀ ଗୁରୁକୃପା କମିଟୀ ସଂଘ ଆୟୋଜନାରେ ଉଭୟ ପ୍ରଧାନ ମହୋଦୟ ଓ ପଣ୍ଡା ମହୋଦୟଙ୍କୁ ପୁଷ୍ପ ମାଲ୍ୟାର୍ପଣ କରି ଘଂଟ ଶଙ୍ଖନାଦ ସଂକୀର୍ତନ ବାଜା ସହିତ ସମ୍ମାନୀତ ସହିତ ମଂଚାସୀନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଦ୍ୱୟ ଯାଥାକ୍ରମେ ଶ୍ରୀକାନ୍ତ ସିଂ ମାଝୀ ଓ ହେମକାନ୍ତି ଦୁରିଆ ଓ ଗଜରାଜ ବୈଠାରୁ ସିଆରସିସି ବୋଡ଼େନ, ସମ୍ମାନୀତ ଅତିଥି ଓ ମୁଖ୍ୟ ବକ୍ତା ଶିକ୍ଷକ ସଂଘ ସଭାପତି ବୋଡ଼େନ ତଥା ପୁରାତନ ଛାତ୍ର ବୈଷ୍ଣବ ଦୁରିଆ ମଂଚାସୀନ ହୋଇ ଗୁରୁ ହିଁ ସାକ୍ଷାତ ଇଶ୍ୱର ,ଚରିତ୍ର ଓ ରାଷ୍ଟ୍ର ଗଠନରେ ଗୁରୁ ମୁଖ୍ୟ ଭୂମିକା ଅଟନ୍ତି ବୋଲି ମତ ଦେଇଥିଲେ। ପ୍ରାଧ୍ୟାପକ ପ୍ରଧାନ ମହାଶୟ ଏକାଧାରରେ ଜଣେ ସୁବକ୍ତା, ବରିଷ୍ଠ ସାହିତ୍ୟଜ୍ଞ,ଛାତ୍ର ବତ୍ସଳ,ପରୋପକାରୀ ତଥା ଭାରତୀୟ ନାଟ୍ୟକଳା କ୍ଷେତ୍ରରେ ବରିଷ୍ଠ ନିର୍ଦ୍ଦେଶକ, ଲେଖକ ରୂପେ ସୁନାମ ଅର୍ଜନ କରିଥିବା ବେଳେ ପ୍ରାଧ୍ୟାପକ ପଣ୍ଡା ମହୋଦୟ ମଧ ମିଷ୍ଟଭାଷୀ, ଛାତ୍ର ବତ୍ସଳ ସହାନୁଭୂତି, ସମାଜରେ ଖ୍ୟାତି ଅର୍ଜନ କରିଛନ୍ତି ।ଉଭୟ ଗୁରୁଙ୍କ ଅବସରରେ ଶତାଧିକା ପୁରାତନ ଛାତ୍ରଛାତ୍ରୀ ତଥା ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଗୁରୁଜନଙ୍କ ଗୁଣ ଗାଇ ଥିଲେ। କେରାପଦର ସିଆରସିସି ତଥା ପୁରାତନ ଛାତ୍ର ନରେନ୍ଦ୍ର ନାଗ ମଂଚ ପରିଚାଳନା କରିଥିବା ବେଳେ ସଞ୍ଜୁ ଦୁରିଆ ସ୍ୱାଗତ ସଙ୍ଗୀତ ଓ ବିଜୁ ପଟ୍ଟନାୟକ କଲେଜର ଉତ୍ପତି ଗାଥା ଓ ଗୁରୁଦ୍ୱୟଙ୍କ ସମ୍ବନ୍ଧରେ ପିତାମ୍ବର ଦୀପ କୋଶଳୀ କବିତା ପାଠ କରି ସମ୍ମାନୀତ କରିଥିଲେ ଏବଂ ଗୁରୁଜୀ ଦୁହେଁଙ୍କ ଅବସର ଜୀବନ ଅତି ସୁଖମୟ ହେଉ ବୋଲି ଅଂଚଳର ଇଷ୍ଟ ଦେବୀ ମାଁ ଦୁଆରଶନି ଙ୍କ ନିକଟରେ ସମସ୍ତେ ଗୁହାରି କରିଥିଲେ। ପ୍ରାଧ୍ୟାପକ ପ୍ରଧାନ ମହାଶୟ ଓ ପ୍ରାଧ୍ୟାପକ ପଣ୍ଡା ମହାଶୟଙ୍କ ଅବଦାନ ଏହି କଲେଜରେ ତଥା ଅଂଚଳ ବାସୀଙ୍କ ହୃଦୟରେ ସ୍ମୃତି ହୋଇ ରହିଥିବ। ଗଣେଶ ଦଣ୍ଡସେନା, ଦିଲୀପ ଦଣ୍ଡସେନା, ବିନୋଦ ନାୟକ, ପରଦେଶୀ ଦୁରିଆ, ଧର୍ମେନ୍ଦ୍ର ନାୟକ, ଭୂପତି ଦୁରିଆ, ଲିଙ୍ଗେଶ୍ୱର ଦାସ, ବିଜୟ ବଘେଲ, ଲଛମନ ମହାନନ୍ଦ ସମେତ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ୧୦୦ ତମ ମନ କି ବାତ୍ କାର୍ଯ୍ୟକ୍ରମର ବୁଥ ୱାରୀ ପ୍ରସାରଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୯/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମନ କି ବାତ୍ ର ୧୦୦ ତମ ସଂସ୍କରଣକୁ ପ୍ରତି ବୁଥରେ ପ୍ରସାରଣ କରାଯିବ। ଏପ୍ରିଲ ୩୦ ତାରିଖରେ ହେବାକୁ ଥିବା ଏହି ରେଡିଓ କାର୍ଯ୍ୟକ୍ରମର ପ୍ରସାରଣ ବାର୍ତା ଯେପରି ପ୍ରତି ଭୋଟରଙ୍କ ପାଖରେ ପହଁଚି ପାରିବ ସେଥିପାଇଁ ଜିଲ୍ଲା ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୂଚନା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣା ପଡୁଥିବା ବେଳେ ଦେଶର ବିଭିନ୍ନ ଗ୍ରାମାଂଚଳରେ ରହୁଥିବା ଲୁକାୟିତ ପ୍ରତିଭା ମାନଙ୍କୁ ମଧ ଲୋକ ଲୋଚନକୁ ଅଣାଯାଇ ପାରୁଛି। ଜନ ସାଧାରଣଙ୍କୁ ଏହାର ସୁଯୋଗ ନେବା ସହ ବୁଥ ସ୍ତରରେ ସଂଗଠନକୁ ପହଁଚାଇବା ପାଇଁ ଦଳ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ରାଜ୍ୟ ପ୍ରବୋକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଭୁବନ ମୋହନ ଜେନା, ଦୋଳ ଗୋବିନ୍ଦ ନାୟକ, ସୁନାକର ବେହେରା, ଉମାକାନ୍ତ ନାୟକ, ଦୁର୍ଯ୍ୟଧନ ସାହୁ, ମାନସ ମହାନ୍ତି, ସଲିମ ଖାନ, କଳ୍ପନା ମଲିକ, ଅମିତାବ ସୁଆର ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଂଯୋଜକ ଅଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଜଙ୍ଗରେ ଉଦଘାଟନ ହେବ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ ଗବେଷଣା କେନ୍ଦ୍ର

ଖୋର୍ଦ୍ଧା, ୧୯/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଗସ୍ତରେ ଆସି ନବୀନ ବିଜୁ ମହାବୀର ଜୟପୁର ଫୁଟ କେନ୍ଦ୍ରର ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀ ଗୁରୁଜଙ୍ଗ ଉପ୍ରା ବିଦ୍ୟାଳୟରେ କୃତ୍ରିମ ଅଙ୍ଗପ୍ରତ୍ୟେଙ୍ଗ ଉତ୍ପାଦନ ଗବେଷଣା କେନ୍ଦ୍ରକୁ ଉଦଘାଟନ କରିବେ। ରାଜସ୍ଥାନ ଜୟପୁରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା କୃତ୍ରିମ ଅଙ୍ଗପ୍ରତ୍ୟେଙ୍ଗ ପ୍ରସ୍ତୁତ କରାଯିବ। ଏପରିକି ରାଜ୍ୟ ସରକାରଙ୍କ ସହଯୋଗରେ ଗବେଷଣା ସହ ତାଲିମ କେନ୍ଦ୍ର ମଧ ପରିଚାଳିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିବା ସହିତ ଉଦଘାଟନ ମଧ କରିବେ। ପରେ ନବୀନ ଏକ ସାଧାରଣ ସଭାରେ ଯୋଗ ଦେଇ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ଟ୍ରାଇସାଇକେଲ୍, ହ୍ୱିଲଚେୟାର ଆଦି ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡିଶାର ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏହି ସଂସ୍ଥାର ମୁଖ୍ୟ ପଦ୍ମଭୂଷଣ ଡି.ଆର ମେହେଟା ମଧ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ନିଖିଳ ଉତ୍କଳ ଲକ୍ଷ୍ମୀନାରାୟଣ ଗୋଲା ସମାଜ ସମ୍ମିଳନୀ



ଭଦ୍ରକ, ୧୯/୦୪ (ନି.ପ୍ର): ସ୍ଥାନୀୟ ଇଚ୍ଛାପୁର ବାରିକ ଛକ ନିକଟରେ ନିଖିଳ ଉତ୍କଳ ଲକ୍ଷ୍ମୀନାରାୟଣ ଗୋଲା ଜାତିର ଏକ ସମ୍ମିଳନୀ ରାଜ୍ୟ ସଭାପତି ରବୀନ୍ଦ୍ର କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭଦ୍ରକ ଜିଲ୍ଲା ସଭାପତି ଯଶୋବନ୍ତ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ଡ. ନୃସିଂହ ବେହେରା, ଯୁଗ୍ମ ସମ୍ପାଦକ କର୍ଣ୍ଣ ଚନ୍ଦ୍ର ଘଡାଇ, ସମ୍ପାଦକ ତରୁଣ କୁମାର ଦାସ ଓ ଜିଲ୍ଲା ସମ୍ପାଦକ ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ, ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଡ. ହୃଷିକେଶ ଗିରି ଓ କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରିହର ଦାସ ଜାତିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସଭାଟିକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । କୁମାରୀ ମଧୁସ୍ମିତା ଓ ସ୍ମୃତିରେଖା 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ସଭାରେ ଆଦର୍ଶ କୃଷକ ଭାବରେ ଗାଜିପୁର ଗ୍ରାମର ଗଣେଶ ପ୍ରସାଦ ଖାମୁରାଇଙ୍କୁ, ଆଦର୍ଶ ବ୍ୟକ୍ତିତ୍ୱ ଭାବେର ସତ୍ୟବାଦୀ ମଣ୍ଡଳ, ଜାତିର ଗୌରବ ଭାବେ ତରୁଣ କୁମାର ଦାସଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଅନ୍ୟମାନଙ୍କ ଭିତରେ ମନ୍ଦରଧର ପ୍ରଧାନ, ସେବତୀ ପରିଡ଼ା, ତାରାମଣୀ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ମଦନ ମୋହନ ସମାଲ, ପଦ୍ମନାଭ ସମାଲ, ଦୁର୍ଯ୍ୟୋଧନ ଖାମୁରାଇ, ଉପେନ୍ଦ୍ର ପାଲ, ରବୀନ୍ଦ୍ର ମହାନ୍ତି, ମକରଧ୍ୱଜ ସାହୁ, ମଧୁସୂଦନ ସାହୁ, କାହ୍ନୁ ଚରଣ ସାହୁ, ନିରାକାର ଖାମୁରାଇ, ନିରଞ୍ଜନ ଖାମୁରାଇ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବିଶେଷ କରି ଚୀନ, ୟୁକ୍ରେନ ଯୁଦ୍ଧର ବିଭୀଷିକାକୁ ନେଇ ସମାଜରେ ଶାନ୍ତି ସ୍ଥାପନ ପାଇଁ ଏକ ସର୍ବସମ୍ମତ ଶାନ୍ତି ପ୍ରସ୍ତାବ ଆଗତ ହୋଇଥିଲା । ଶେଷରେ ଅଧ୍ୟାପକ ଜୟନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁ ଲାଗି ତିନି ବଖରା ଘର ପୋଡ଼ି ପାଉଁଶ

ନୀଳଗିରି, ୧୯/୦୪ (ନି.ପ୍ର): ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଜି ମଧ୍ୟାହ୍ନରେ ଜଣକ ଘରେ ନିଆଁ ଲାଗି ୩ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ଘଟଣାରୁ ପ୍ରକାଶ ନୀଳଗିରି ବ୍ଲକ ଅନ୍ତର୍ଗତ କେ.ପି.ମାହାଲ ପଂଚାୟତର କାଠଗୋଛି ଗ୍ରାମର ଜଗନ୍ନାଥ ସିଂଙ୍କ ଘର କୌଣସି କାରଣରୁ ନିଆଁ ଲାଗି ତାଙ୍କର ୩ ବଖରା ଖଜ ଛପର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଅଗ୍ନି ଦାଉରୁ ଛୋଟ ଶିଶୁ ଟିଏ ଅଳ୍ପକେ ବର୍ତିଯାଇଥିବା ଜଣାପଡ଼ିଛି । ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବ ପତ୍ର, ଧାନ ଚାଉଳ , ସରକାରୀ କାଗଜପତ୍ରପୋଡ଼ି ଯାଇଛି । ଖବର ପାଇ ନୀଳଗିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଥିଲେ ମଧ ଘରଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଖୁବ୍ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଦୁଇ ଦିନ ପରେ ତାତିରୁ ମିଳିବ....

ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ବିଜୁଳି ମାରିବାର ଆଶଙ୍କା ରହିଛି । ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ବିଜୁଳି ମାରିବାର ଆଶଙ୍କା କରାଯାଉଛି । ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବିପତ୍ର ପ୍ରଦାନ



ଭଦ୍ରକ, ୧୯/୦୪ (ନି.ପ୍ର): ଭଦ୍ରକରେ ଏକ ସରକାରୀ ମେଡ଼ିକାଲ ଓ ହସ୍‌ପିଟାଲ ପ୍ରତିଷ୍ଠା ଦାବି କରି ଏକ ଦାବିପତ୍ର ଭଦ୍ରକ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ମାଧମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଆଜି କ୍ରିୟାନୁଷ୍ଠାନ କମିଟିର ସଭାପତି ଡାକ୍ତର ହରେକୃଷ୍ଣ ନାୟକ, ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ଅମର ପାଣିଗ୍ରାହୀ, ଡା. ପ୍ରଦୀପ କୁମାର ନାୟକ, କୈଳାସ ମହାପାତ୍ର, ବସନ୍ତ ମହାନ୍ତି, ସନ୍ତୋଷ ଦାସ, ବିଚିତ୍ରାନନ୍ଦ ମହାନ୍ତି, ଇନ୍ଦ୍ରମଣି ପଣ୍ଡା, ବୈଲୋଚନ ବେହୁରିଆ, ତପନ ମିଶ୍ର, ବାଦଲ କିଶୋର ମହାପାତ୍ର, ରମେଶ ଦାସ, ପରମାନନ୍ଦ ସାହୁ, ଇଂ ମହେଶ ଦାସ, ଶଶାଙ୍କ ମିଶ୍ର, ଗୌରାଙ୍ଗ ବାରିକ, ସୁଶ୍ରୀ ସ୍ନେହଲତା ବେହେରା, ବିପ୍ଳବ ହୋତା ପ୍ରମୁଖ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ମେଡ଼ିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଉପରେ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ବହୁ ଅଞ୍ଚଳ ନିର୍ଭର କରନ୍ତି । ଏହି ଜିଲ୍ଲାର ସଦର ମହକୁମା ଜାତୀୟ ରାଜପଥ ସଂଲଗ୍ନ । ଏଠାରେ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ସବୁ ପ୍ରକାର ଭିତ୍ତିଭୂମି ରହିଥିଲେ ମଧ ସରକାର ଭଦ୍ରକ ଜିଲ୍ଲାବାସୀଙ୍କୁ ଅଣଦେଖା କରୁଛନ୍ତି । ଜିଲ୍ଲାର ନ୍ୟାଯ୍ୟ ଦାବିକୁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହିତ ବିଚାର କରି ତୁରନ୍ତ ମେଡ଼ିକାଲ କଲେଜ ପ୍ରତିଷ୍ଠା। ନିମନ୍ତେ ଘୋଷଣା କରିବାକୁ ଦାବି କରାଯାଇଛି ।

## ସମ୍ବଲପୁର ଠାରେ ହିଂସା ବିରୁଦ୍ଧରେ ବନ୍ଦର ନୂଆପଡାରେ ବ୍ୟାପକ ପ୍ରଭାବ

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ସମ୍ବଲପୁର ରେ ଘଟିଥିବା ହିଂସା କୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଆହୁତ ବନ୍ଦର ନୂଆପଡାରେ ପ୍ରଭାବ ଦେଖିବାକୁ ମିଳିଛି । ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର କାର୍ଯ୍ୟକର୍ତା ମାନେ ଆଜି ସକାଳୁ ନୂଆପଡ଼ା ର ଏକତା ଛକ ଠାରେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର କୁ ବନ୍ଦ କରିଛନ୍ତି । ଜରୁରୀ କାଳୀନ ସେବା , ବ୍ୟାଙ୍କ , ଡାକଘର, ପେଟ୍ରୋଲ ପମ୍ପ କୁ ଛାଡ଼ି ସମସ୍ତ ଦୋକାନ ବଜାର ସହ ସରକାରୀ ଅନୁଷ୍ଠାନ କୁ ବନ୍ଦ କରାଯାଇଛି । ଅନ୍ୟପଟେ ରାସ୍ତା ଅବରୋଧ କରିବା ଦ୍ୱାରା ଗାଡ଼ି ମଟର ଚଳାଚଳ ବନ୍ଦ ରହିଛି ।ଫଳରେ ସହ ସହ ଗାଡ଼ି ମଟର ଅଟକି ରହିଛି ।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳନ



ରୂପସା, ୧୯/୦୪ (ନି.ପ୍ର): ଅପରାହ୍ନ ୪ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି - ମୁନିରାଜ୍ଞୀ ଗୀତାଞ୍ଜଳୀ ମୁନିଙ୍କ ସୁପୁତ୍ର ଇ' ନିଶିଥ ନୟନ ବାରିକଙ୍କ ୩୯ ତମ ଏବଂ ସୁ ପୁତ୍ରବଧୂ ଲିପିକା ବାଛିନୀଙ୍କର ୩୧ ତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧ୍ୟକ୍ଷ, ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ଜନ୍ମଦିନ ସଙ୍ଗୀତ ଏବଂ ମୁନି ସଙ୍ଗୀତ ଗାନ କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା । ଶୁଭାଶିଷ ପ୍ରଦାନ କରିଥିଲେ ଆଶ୍ରମର ପରମପୂଜ୍ୟା, ସ୍ନେହମୟୀ, ମମତାମୟୀ, ଜନନୀ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ଉପସ୍ଥିତ ଥିଲେ ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା । ପ୍ରବୀଣ ଯୋଗ ସାଧିକା ମୁନିରାଜ୍ଞୀ ବିମଳା ଲେଙ୍କା ମହୋଦୟା । ମୁନିମତୀ ପୂର୍ଣ୍ଣିମା ବର, ମୁନିମତୀ ସରସ୍ୱତୀ ନନ୍ଦ, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନି ଗଣେଶ୍ୱର, ମୁନି ସୁଦର୍ଶନ ବର, ମୁନି ଚିତ୍ତରଞ୍ଜନ ବର, ଆଦର୍ଶ ମୁନିରାଜ ଗୌରହରି ବାରିକ, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ବାସନ୍ତୀ ଜେନା, ସୁମତୀ ବେହେରା, ମୁନିମତୀ ଯମୁନା ପାତ୍ର, ମୁନିମତୀ ଆରତୀ ଗିରି, ମୁନିମତୀ କୁନି ଇତ୍ୟାଦି ବହୁ ଶିବମୁନିଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ଯଦି ଜଣେ ପ୍ରତିଦିନ ଯୋଗ ସାଧନ କରିଚାଲେ ତେବେ ସେ ନିଶ୍ଚୟ ଦିନେ ଆତ୍ମଦର୍ଶନ କରିବା ସହିତ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏହା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଆଦର୍ଶ ବ୍ୟକ୍ତିତ୍ୱ ରେ ପରିପୂର୍ଣ୍ଣ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ଭୋଜନରେ ଆପ୍ୟାୟିତ କରିଥିଲେ ।

## ୫୭ ରାଜ୍ୟ ରାଜପଥରେ ବାଇକ୍-କାର୍ ମୁହାଁମୁହିଁ : ୩ ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର, ୧୯/୪(ନି.ପ୍ର) : ଆଜି ସଂଧ୍ୟାରେ କମର୍ଦ୍ଦାରୁ ଓଡି୦୨ଇ-୯୨୬୪ ବାଇକ୍‌ରେ ନାଚିନ୍ଦା ପଂଚାୟତର ରଘୁଚକ ଗାଁ ପ୍ରଭାତ ମାଝି ବାଇକ୍‌ରେ ତାଙ୍କର ୨ ସଂପର୍କୀୟଙ୍କୁ ଧରି ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ସୁଗୋ ନିକଟରେ ଆଗରୁ ଆସୁଥିବା ଓଡି୦୧ଏଏନ୍-୭୪୩୧ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ୩ ବାଇକ୍ ଆରୋହୀ ମୁମୂର୍ଷୁ ଥିବାରୁ ସେମାନଙ୍କୁ ଜିକେ ଭଞ୍ଜର ହସ୍‌ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । କିନ୍ତୁ ଆହତ ୩ଜଣ ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ବଡ ଡାକ୍ତରଖାନାକୁ ଚିକିତ୍ସାଲାଗି ପଠା ଯାଇଛି ।

## ଜାତୀୟ କବି ବାଞ୍ଛାନିଧିଙ୍କ ଶ୍ରାଦ୍ଧ ଉତ୍ସବ ଓ ସାହିତ୍ୟ ସଭା

ବାସୁଦେବପୁର, ୧୯/୦୪ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ର ପୁରାତନ ଅନୁଷ୍ଠାନ ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ଶ୍ରାଦ୍ଧ ଉତ୍ସବ ଓ ସାହିତ୍ୟ ସଭା ସ୍ଥାନୀୟ ଅଟଳ ବିହାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭା ରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ କ୍ଷ କବି ସୁଧାଂଶୁ ଶେଖର ମିଶ୍ର, କବି ରତ୍ନାକର ବାରିକ,ଗୀତିକାର ପିତାମ୍ବର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସ୍ରଷ୍ଟା ଓ ସୃଷ୍ଟି ଅନୁଷ୍ଠାନ ର ଆଭିମୁଖ୍ୟ ସମ୍ପର୍କରେ ବର୍ଣନା କରିଥିଲେ । ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା କ୍ଷ କବି ରଞ୍ଜନ ନାୟକ ସଂଯୋଜନା କରିଥିଲା ବେଳେ କବି ବିକାଶ ଶତପଥୀ ଓ କବି ନିରଞ୍ଜନ ସେଠି ସହଯୋଗ କରିଥିଲେ କ୍ଷ ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କବି ପ୍ରହ୍ଲାଦ ବାରିକ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ଧେନୁଖୋଜାରେ ୩ ଦିନ ଧରି ଚାଲିଥିବା ମା ଭଗବତୀ ପୂଜା ଉଦଯାପନ ହେଇଛି

ବସ୍ତା, ୧୯/୦୪ (ନି.ପ୍ର): ଧେନୁଖୋଜା ଗ୍ରାମ ରେ ୩ ଦିନ ଧରି ମା ଭଗବତୀ ପୂଜା ଉଦଯାପନ ହେଇଛି । ଭଗବତୀ ପୂଜା କମିଟି ର ସଭାପତି କାଳୀଚରଣ ଦାସ କହିଛନ୍ତି ଯେ ଗ୍ରାମର ସୁଖ ଶାନ୍ତି ଆଉ ନିରୋଗ କାମନା ନିମନ୍ତେ ଏହି ପୂଜା ପାଳନ କରାଯାଏ । ପୂଜାରେ ୮୦୦ ରୁ ଅଧିକ ଲୋକ ଙ୍କ ପାଇଁ ପ୍ରସାଦ ର ବ୍ୟବସ୍ଥା କରା ଯାଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଗାଣ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ହେଇଥିଲା । ଭଗବତୀ କମିଟି ର ସଦସ୍ୟ ନିରଞ୍ଜନ ଦାସ, ରବୀନ୍ଦ୍ର ଜେନା, ବିଜୟ ମହାନ୍ତି, ରବୀନ୍ଦ୍ର ମହାନ୍ତି, ଶରତ ଜେନା, କାଳିଆ ଜେନା, ହେମନ୍ତ ଦାସ, ଦୀପକ ଦାସ, ଅଦୈତ ଦାସ , ପରମାନଦ ପ୍ରଧାନ, ସୁଧାଂଶୁ ପ୍ରଧାନ,ଅନନ୍ତ ଦାସ, ଦିବାକର ରାଉତ ପ୍ରମୁଖ ଯୋଗ ଦେଇ ପୂଜା କାର୍ଯ୍ୟ କୁ ସଫଳ କରିଥିଲେ । ଗ୍ରାମ ବାସୀ ମାନଙ୍କ ମଧ ରେ ଆନନ୍ଦ ଦେଖା ଦେଇଥିଲା ।

# କୋଭିଡ-୧୯ ର ମୁକାବିଲା ଲାଗି ଜନସ୍ୱାସ୍ଥ୍ୟ ପ୍ରତିକ୍ରିୟାର ସ୍ଥିତି ସମୀକ୍ଷା ପାଇଁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୧୯/୦୪ (ନି.ପ୍ର): ନିକଟରେ ସମଗ୍ର ଭାରତରେ କୋଭିଡ-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଦେଶରେ କୋଭିଡ-୧୯ ସ୍ଥିତିର ଆକଳନ ଲାଗି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ର ଅଧ୍ୟକ୍ଷତା କରିଥିଲେ ଯେଉଁଠାରେ ବଢୁଥିବା କୋଭିଡ-୧୯କୁ ପ୍ରତିହତ ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମି ଯଥା ଲଜିଷ୍ଟିକ୍ସ, ଔଷଧ, ଟିକାକରଣ ଅଭିଯାନର ସ୍ଥିତି ଏବଂ ପ୍ରସ୍ତୁତିର ସମୀକ୍ଷା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା, ନୀତି ଆୟୋଗର ସଦସ୍ୟ ଡକ୍ଟର ବିନୋଦ ପଲ, ଅର୍ଥ ସଚିବ ଶ୍ରୀ ଟି.ଭି.ସୋମନାଥନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶ୍ରୀ ରାଜେଶ ଭୂଷଣ, ଫାର୍ମାସ୍ୟୁଟିକାଲ ସଚିବ ଶ୍ରୀମତୀ ଏସ. ଅପର୍ଣ୍ଣା, ବେସାମରିକ ବିମାନ ଚଳାଚଳ ସଚିବ ଶ୍ରୀ ରାଜୀବ ବଂଶଲ, ଆୟୁଷ ସଚିବ ଶ୍ରୀ ରାଜେଶ କୋଟେଚା, ଡିଏଚଆର ସଚିବ ଏବଂ ଆଇସିଏମଆର ମହାନିର୍ଦ୍ଦେଶକ ଶ୍ରୀ ରାଜୀବ ଭାଲ, ବାୟୋଟେକ୍ନୋଲୋଜି ସଚିବ ଶ୍ରୀ ରାଜେଶ ଏସ ଗୋଖଲେ ଏବଂ ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ଅପୂର୍ବ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶ୍ରୀ ରାଜେଶ ଭୂଷଣଙ୍କ ଦ୍ୱାରା ବିଶ୍ୱର କୋଭିଡ-୧୯ ପରିସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା । ସେ ଦର୍ଶାଇଥିଲେ ଯେ ଭାରତରେ କୋଭିଡ -୧୯ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ୮ ଟି ରାଜ୍ୟ (କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ହରିଆନା, ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଏବଂ ରାଜସ୍ଥାନ) ରେ ଅଧିକାଂଶ ମାମଲା ଦେଖାଦେଇଛି । ଆହୁରି ମଧ ଦେଶରେ ଚାଲିଥିବା ପରୀକ୍ଷଣର ସ୍ଥିତି ସହିତ ପଜିଟିଭ ସଂଖ୍ୟା ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା । ଏହି ୮ଟି ରାଜ୍ୟ ମଧ୍ୟରେ ସକ୍ରିୟ ମାମଲାଗୁଡ଼ିକର ବିସ୍ତୃତ ବିଶ୍ଳେଷଣ ଉପସ୍ଥାପିତ ହୋଇଥିଲା ଏବଂ ହାରାହାରି ୯୨% ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଥିବା ଦର୍ଶାଯାଇଥିଲା । ଏହି ଉପସ୍ଥାପନାରେ ଜାନୁୟାରୀ ୨୦୨୩ ଠାରୁ ବିଭିନ୍ନ ପ୍ରକାରର ଜେନୋମ୍ ସିକ୍ୱେନ୍ସିଂର ଏକ ସୂଚନା ମଧ ପ୍ରଦାନ କରାଯାଇଥିଲା ଏବଂ ଭାରତରେ ଦେଖାଯାଉଥିବା ଭାରିଏଣ୍ଟ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଥିଲା । ଟୀକାକରଣର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା, ତା'ପରେ ଦେଶରେ ଔଷଧ ଉପଲବ୍ଧତା ଏବଂ ଭିତ୍ତିଭୂମି ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, କାର୍ଯ୍ୟକ୍ଷମ ଭିତ୍ତିଭୂମିର ମୂଲ୍ୟାଙ୍କନ ପାଇଁ ଦେଶବ୍ୟାପୀ ମକ୍ ଡ୍ରିଲ୍ କରାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ମକ୍ ଡ୍ରିଲର ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହାବାଦ୍ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମର ବ୍ୟୟ ଏବଂ ଔଷଧ ଏବଂ ଟିକା ଲାଗି ଆବଶ୍ୟକ କଞ୍ଚାମାଲ ପାଇଁ ବଜେଟ୍ ବ୍ୟବସ୍ଥାର ମଧ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ସଚିବ ଏହା ମଧ ସୂଚନା ଦେଇଥିଲେ ଯେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୌଣସି ପୂର୍ବ ଅନୁମୋଦନ ବିନା ଉତ୍ପାଦନକାରୀଙ୍କଠାରୁ ଆବଶ୍ୟକ କୋଭିଡ ଟିକା କ୍ରୟ ପାଇଁ ପଦକ୍ଷେପ ନେଇପାରନ୍ତି । ରାଜ୍ୟଗୁଡିକରେ ଅବସ୍ଥିତ ଘରୋଇ ହସ୍ପିଟାଲଗୁଡିକ ମଧ ନିର୍ମାତାଙ୍କଠାରୁ ଏହିପରି ଟିକା କ୍ରୟ କରିପାରିବେ । ଥରେ କିଣାଯାଇଥିବା ଏହି ଟିକାଗୁଡ଼ିକ ବିଦ୍ୟମାନ କୋଭିଡ ଟୀକାକରଣ ନିର୍ଦ୍ଦେଶାବଳୀ ଅନୁଯାୟୀ ଦିଆଯାଇପାରେ ।

# ମତ୍ସ୍ୟ ବିଭାଗର ଅଚଳାବସ୍ଥା ପାଇଁ ଦାୟୀ କିଏ ?

ବାଲେଶ୍ୱର, ୧୮/୦୪ (ନି.ପ୍ର): ଜିଲ୍ଲା ମତ୍ସ୍ୟ ବିଭାଗର ଅଚଳାବସ୍ଥାକୁ ନେଇ ଚାରିଆଡ଼େ ଆଲୋଚନା ଚାଲିଛି । ମୁଖ୍ୟତଃ ମତ୍ସ୍ୟଚାଷୀ ମାନେ ସବସିଡି ପାଇପାରୁନଥିବାରୁ ଏହି ଅସନ୍ତୋଷ ଦେଖାଦେଇଛି । ବହୁ ମତ୍ସ୍ୟଚାଷୀ ବିଭାଗୀୟ ଅଫିସର ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ସେମାନେ ସେମାନଙ୍କର ପ୍ରାପ୍ୟ ପାଇପାରୁନାହାନ୍ତି । ବିଶେଷ ସୂତ୍ରରୁ ଜଣାଯାଇଛି ଯେ, କେତେକ ଦଲାଲ ମତ୍ସ୍ୟଚାଷୀମାନଙ୍କର ଯେଉଁମାନେ କି ସବ୍ସିଡି ପାଉଛନ୍ତି ସେମାନଙ୍କ ପାଖକୁ ଯାଇ ସବସିଡି ବାବଦ ଟଙ୍କା ପାଇଁ ବଟି ଦାବି କରୁଛନ୍ତି । ଏହି ଦଲାଲ ମାନେ ମତ୍ସ୍ୟଚାଷୀଙ୍କୁ ବିଭିନ୍ନ କ୍ଷେତ୍ରରେ ହଇରାଣ କରୁଛନ୍ତି । ସବସିଡି ପାଉଥିବା ଚାଷୀମାନଙ୍କୁ ଡରାଇ ଧମକାଇ ସେମାନଙ୍କ ପାଖରୁ ୫ ରୁ ୧୦ହଜାର ପର୍ଯ୍ୟନ୍ତ ବଟି ମାଗୁଥିବାର ଜଣାଯାଇଛି । ଯେଉଁ ଚାଷୀମାନ ସବସିଡି ପାଇଲା ପରେ ସେମାନଙ୍କୁ ଚାନ୍ଦା ଦେଉନାହାନ୍ତି ସେମାନଙ୍କୁ ସୂଚନା ଆଇନକୁ ଅପବ୍ୟବହାର କରି ମତ୍ସ୍ୟଚାଷୀ ଓ ଅଧିକାରୀମାନଙ୍କୁ ହଇରାଣ କରାଯାଉଥିବା ଜଣାଯାଉଛି ଓ ଅବଶିଷ୍ଟ ସବସିଡି ପାଇବାରେ ବାଧା ସୃଷ୍ଟି କରୁଛନ୍ତି । ଅପରପକ୍ଷରେ ଏହିସବୁ କାର୍ଯ୍ୟରେ କର୍ମଚାରୀମାନେ ସମୟଦେବା ଯୋଗୁଁ ଅଫିସର ମଧ୍ୟ କୌଣସି କାର୍ଯ୍ୟ ହୋଇପାରୁ ନାହିଁ । ନିକଟରେ ବନମାଳୀ ମଣ୍ଡଳ ନାମକ ବ୍ୟକ୍ତି ସବସିଡି ନେବା ଦେବାରେ ହେରଫେର ହୋଇଛି ବୋଲି ମତ୍ସ୍ୟବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖିଥିବା ଜଣାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ବନମାଳୀ ମଣ୍ଡଳଧାରୀ କୌଣସିବ୍ୟକ୍ତି ଉକ୍ତ ଇଲାକାରେ ନାହାନ୍ତି । ଯାହା ମତ୍ସ୍ୟବିଭାଗର ପଦସ୍ଥ ଅଫିସରମାନେ ଇନକ୍ୱାରି କରି ଜାଣିପାକୁ ପାଇଛନ୍ତି । ଏମିତି କେତେକ ବେନାମୀ ଲୋକ ଉପର ଅଫିସରକୁ ଚିଠି ଲେଖି ସବସିଡି ପାଇବା ଓ ଅଫିସର କାର୍ଯ୍ୟକଳାପରେ ହସ୍ତକ୍ଷେପ କରୁଛନ୍ତି । ତେଣୁ ଏପରି ଅବସ୍ଥାରେ ଉକ୍ତ ଅଫିସର ଅଧିକାରୀମାନେ ସବସିଡି ଦେବାକୁ ଡରୁଛନ୍ତି । ସେମାନଙ୍କ କହିବା ଅନୁସାରେ କାଦୁଅକୁ ଯିବା କାହିଁକି, କାଦୁଅ ଛିଟା ପଡ଼ିବ କାହିଁକି । ସରକାର ସାଧାରଣ ବର୍ଗଙ୍କ ପାଇଁ ୪୦ ଭାଗ ଓ ଜନଜାତିଙ୍କୁ ୬୦ ଭାଗ ସବସିଡି ଦେବାର ନିୟମ କରିଛନ୍ତି । ଏପରି ସ୍ଥଳରେ ଏଭଳି ଦଲାଲ ବ୍ୟକ୍ତିମାନେ ଯିଏ ସବସିଡି ପାଉଛି ତା ପାଖକୁ ଯାଇ ସେମାନଙ୍କୁ ଡରାଇ ଧମକାଇ ବଟି ଆଦାୟ କରୁଛନ୍ତି । ତେଣୁ ବିଭାଗୀୟ ଉଚ୍ଚଅଧିକାରୀ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେଇ ଏହି ଜଟିଳ ଅବସ୍ଥାକୁ ଦୂର କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

## ଜଳେଶ୍ୱର ମ୍ୟୁନିସିପାଲଟିରେ ୮୪୬, ପାଉଁଶକୁଲିରେ ୨୨୮ ୟୁନିଟ୍ ରକ୍ତ ସଂଗ୍ରହ



ଜଳେଶ୍ୱର, ୧୯/୪(ନି.ପ୍ର) : ଆଜି ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ପକ୍ଷରୁ ବିଜୁବାବୁଙ୍କ ୨୬ତମ ପୁଣ୍ୟତିଥି ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳରୁ ୮୪୬ ଓ ପାଉଁଶକୁଲି ଠାରୁ ୨୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାଯାଇଛି । ବିଜୁ ବାବୁଙ୍କ ପୂର୍ଣ୍ଣତିଥି ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜଳେଶ୍ୱର ମ୍ୟୁନିସିପାଲଟିର ସହାୟତାରେ ଏକ ରକ୍ତଦାନ ଶିବିର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ପୌରପାଳ ପ୍ରତୀପ କୁମାର ପ୍ରଧାନ, ବିଜେଡି ନଗର ସଭାପତି ଶଂକର ଘୋଷ, ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ବ୍ଲକ ସଭାପତି ଦିଲ୍ଲିପ ସାମଲ, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୁରଜ ଚୌରାସିଆ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଏସକେ ସଇଫୁଦ୍ଦିନ, ସଂଜିବ ପାଳ, ବିଜୟ କାମିଲା, କବିତା ସାହୁ, ଚିତ୍ତରଂଜନ ମହାନ୍ତି, ଗୋବିନ୍ଦ ସାହୁ, ସୁଶାନ୍ତ ସାହୁ, ଲକ୍ଷ୍ମଣ ସରେନ, ସତ୍ୟବତି ଗିରି, ଅମୂଲ୍ୟ ଦତ୍ତ, ରାଜେଶ ଦାସ, ଅଜୟ ପ୍ରଧାନ, ପ୍ରଦୀପ ଦାସ, ସମ୍ଭନାଥ ଦାସ, ସେକ୍ ଅବଦୁଲ ରହିମ, ରବିନ୍ଦ୍ର ସାମଲ, ମହେଶ ଜେନା, ଭାରତ ଦତ୍ତ, ଆବାସ ଅଲ୍ଲି, ଦିନେଶ ଜେନା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏପରି ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବାଲେଶ୍ୱର ରକ୍ତ ଭଣ୍ଡାରରୁ ଡା. ବସନ୍ତ ଉପାଧ୍ୟାୟ ଏବଂ ବାରିପଦା ରକ୍ତ ଭଣ୍ଡାରରୁ ଡା. ଗଣେଶ ଚନ୍ଦ୍ର ପାଳଙ୍କ ନେତୃତ୍ୱରେ ୨ଟି ଟିମ୍ ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ରକ୍ତ ସଂଗ୍ରହ କରିଥିଲେ । ଏହା ଜଳେଶ୍ୱର ବ୍ଲକର ସର୍ବବୃହତ ଓ ବାଲେଶ୍ୱର ଜିଲାର ଦ୍ୱିତୀୟ ସର୍ବବୃହତ୍ ରକ୍ତଦାନା ଶିବିର ବୋଲି କୁହାଯାଇଛି । ସେହିପରି ପାଉଁଶକୁଲି ଠାରେ ଅନାଦି ଦାସ, ବସ୍ତା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମିକାନ୍ତ ଦାସ, ମାନସ ଜେନା, ମଧୁସୂଦନ ସେନାପତି, ଗିରିଜା ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ୨୨୮ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି ।

# ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା ଦାବି ଯୋର ଧରିଲା

ଜଳେଶ୍ୱର, ୧୯/୪(ନି.ପ୍ର) : ଜଳେଶ୍ୱରକୁ ସବ୍ ଡିଭିଜନ ଲାଗି ଜଳେଶ୍ୱରର ବିଜେଡି ଯୁବ ଓ ଛାତ୍ର ସଂଗଠନ ଦୀର୍ଘଦିନ ଧରି ଚଳାଇଥିବା ପ୍ରଚେଷ୍ଟା ଏବେ ରୋଚକ ମୋଡ ନେଇଛି । ସେମାନଙ୍କ ଆବେଦନକୁ ଜିଲାପାଳ ସୁପାରିଶ କରି ଆର୍‌ଡିସିଙ୍କ ନିକଟକୁ ପଠାଇଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନେତୃବର୍ଗ ସୂଚନା ଦେଇଛନ୍ତି । ଆନନ୍ଦ ପ୍ଲାଜା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଆହୁତ ହୋଇଥିଲା । ଏଥିରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅତୀତରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଅଂଚଳରେ ସଚେତନତା ସୃଷ୍ଟି କରାଯାଇ ଗତ ୨୭-୧୧-୨୨ରୁ ସଭାସମିତି ଅନୁଷ୍ଠିତ ହୋଇ ଆସୁଥିଲା । ୧୦ ହଜାର ଲୋକଙ୍କ ଦସ୍ତକ୍ଷତ ସମ୍ବଳିତ ଦାବିପତ୍ର ଫେବୃଆରି ୧୪ ତାରିଖରେ ଜଳେଶ୍ୱର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ତହସିଲଦାର ଏପରି ଦାବିପତ୍ରକୁ ତାଙ୍କ ଚିଠି ନଂ ୭୨୯ ତା ୧୪-୨-୨୩ରେ ଜିଲାପାଳଙ୍କ ନିକଟକୁ ପ୍ରେରଣ କରିଥିଲେ । ଜିଲାପାଳ ତାଙ୍କ ଚିଠି ନଂ ୩୯୦ ତା ୨୧-୩-୨୩ରେ ରାଜ୍ୟ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ନିକଟକୁ ପଠାଇଥିବାର ନକଲ ସାମ୍ବାଦିକ ମାନଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ଅଦ୍ୟାବଧି ସବ୍‌ଡିଭିଜନ ଘୋଷଣା ହୋଇନଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଆସନ୍ତା ୨୨-୫-୨୩ ସୁଦ୍ଧା ସବ୍‌ଡିଭିଜନ୍ ଘୋଷଣା ନ ହେଲେ ଉକ୍ତ ଦିନ ଜଳେଶ୍ୱର ବନ୍ଦ ହେବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାଳିଚରଣ ଦାସ, ରାସବିହାରି ରଣା, ରାଜେନ୍ଦ୍ର ପାତ୍ର, ଚନ୍ଦନ କର, ସତ୍ୟଶୋଭନ ମିଶ୍ର, ରାଜେଶ ଜେନା ଓ ଭୂପତି ମିର୍ଦ୍ଧା ପ୍ରମୁଖ ଏଥିରେ ଭାଗ ନେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

## ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ କାରୀଗର ସମାବେଶ

ବାଲେଶ୍ୱର, ୧୯/୦୪ (ନି.ପ୍ର): ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଜିଲାସ୍ତରୀୟ କାରିଗର ସମାବେଶ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ଉଦୟ ମହାନ୍ତି ଏଥିରେ ଅଧକ୍ଷତା କରିବା ସହ ଶିଳ୍ପୀ ଓ କାରୀଗରମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୋର ବିଧାୟକ ପର୍ଶୁରାମ ଧଡ଼ା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ, ଓରମାସର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ମିଳିତ ଉଦଘାଟନ କରିଥିଲେ।ଏହି ଅବସରରେ ଆୟୋଜିତ 'ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା' ସମ୍ପର୍କିତ ଆଲୋଚନାଚକ୍ରରେ ଅଂଶଗ୍ରହଣ ସହ ଅତିଥିମାନେ ଜିଲାରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।ଐତିହ୍ୟ ସମ୍ପନ୍ନ ବାଲେଶ୍ୱର ଜିଲାର କଳା ଓ ସଂସ୍କୃତି ଓଡ଼ିଶାକୁ ବିଶ୍ୱସ୍ତରୀୟ ପରିଚୟ ଦେଇପାରିଛି ବୋଲି ଅତିଥିମାନେ କହିଥିଲେ । ପୂର୍ବରୁ ଦୟନୀୟ ଅବସ୍ଥାରେ ରହୁଥିବା ହସ୍ତଶିଳ୍ପୀମାନେ ସରକାରୀ ପ୍ରୋତ୍ସାହନ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ସହ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିଛି । ଏହା ସତ୍ତ୍ୱେ ସେମାନଙ୍କ ସାମାଜିକ ସୁରକ୍ଷା ଦିଗ ପ୍ରତି ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି । ଏ ସମ୍ପର୍କରେ ବିଧାନସଭାରେ ବାରମ୍ବାର ପ୍ରଶ୍ନ ଉତ୍ଥାପନ କରାଯାଇଛି। କାରୀଗରଙ୍କ ସ୍ୱାର୍ଥରକ୍ଷା ଓ ସାମାଜିକ ସୁରକ୍ଷା ପାଇଁ ପ୍ରସ୍ତୁତ ମୁଖ୍ୟ ଶାସନ ସଚିବଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଖୁବଶୀଘ୍ର ହସ୍ତଶିଳ୍ପୀ ଓ ବୁଣାକାରମାନେ ଖୁସିର ଖବର ପାଇବେ ବୋଲି ବିଧାୟକମାନେ କହିଥିଲେ।ଏଥି ସହିତ ଅନ୍ୟ ରାଜ୍ୟଭଳି ହସ୍ତଶିଳ୍ପୀ ଓ ବୁଣାକାରଙ୍କ ଉତ୍ପାଦକୁ ଡିଜିଟାଲ ମାଧ୍ୟମରେ ଇ-ମାର୍କେଟିଂ ପାଇଁ ସରକାର ପ୍ଲାଟଫର୍ମ ପ୍ରସ୍ତୁତ କରୁଥିବା ଅତିଥିମାନେ ସୂଚନା ଦେଇଥିଲେ। ନିଜସ୍ୱ ପୋର୍ଟାଲ କିମ୍ବା ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ପାଇଁ ସେମାନେ ପରାମର୍ଶ ଦେଇଥିଲେ।

## ୭ଦିନିଆ ମିର୍ଜାପୋଖରୀ ଚନ୍ଦନ ଯାତ୍ରା ପ୍ରସ୍ତୁତି ଜୋରଦାର




ବାଲେଶ୍ୱର, ୧୯/୦୪ (ନି.ପ୍ର): ସହରର ପୁରାତନ ମିର୍ଜା ପୋଖରୀ ଚନ୍ଦନ ଯାତ୍ରା ଚଳିତ ବର୍ଷ ଯାକଜମକରେ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ର୍ପ୍ୟାୟରେ ପହଞ୍ଚିଛି। ଆସନ୍ତା ୨୯ ତାରିଖରୁ ମେ ମାସ ୫ ତାରିଖ ପର୍ଯ୍ୟନ୍ତ ଭରପୂର ମନୋରଞ୍ଜନ ମଧ୍ୟରେ ଏହି ଚନ୍ଦନ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଉତ୍ସବ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଓ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମାଣିଖମ୍ଭ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଚନ୍ଦନଯାତ୍ରା ଆୟୋଜିତ ହେବାକୁ ଯାଉଛି। ପ୍ରତି ସଂଧ୍ୟାରେ ଶୋଭାଯାତ୍ରା ମଧ୍ୟରେ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହେବ। ସେହିପରି ପ୍ରଥମ ସଂଧ୍ୟାରେ ଦୃଷ୍ଟିହୀନ ପିଲାଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ, ଦ୍ୱିତୀୟ ସନ୍ଧ୍ୟାରେ ଡ୍ୟାନ୍ସ, ତୃତୀୟ ସଂଧ୍ୟାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ ଓ ଯାତ୍ରା ଏବଂ ଅନ୍ୟାନ୍ୟ ସନ୍ଧ୍ୟାରେ ସଙ୍ଗୀତ ବିଚିତ୍ରା ପ୍ରଭୃତି ଅନୁଷ୍ଠିତ ହେବ। ୭ଦିନିଆ ଚନ୍ଦନ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବ୍ୟବସାୟୀମାନେ ଆସି ବିଭିନ୍ନ ପ୍ରକାର ଦୋକାନ ଖୋଲିବେ। ଛୋଟ ଛୋଟ ପିଲାଙ୍କ ମନୋରଂଜନ ପାଇଁ ରାମଦୋଳିର ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବ ପାଳନରେ ଅତ୍ୟଧିକ ଜନଗହଳି ହେଉଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ତେବେ ଚନ୍ଦନ ଯାତ୍ରାରେ ରାତି ୧୦ଟା ପରେ ସାଉଣ୍ଡ ବନ୍ଦ ଓ ୧୧ଟା ସୁଦ୍ଧା ମେଳା ବନ୍ଦ ସମୟ ବୃଦ୍ଧି ପାଇଁ ପୁଲିସ ପ୍ରଶାସନକୁ ନିବେଦନ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଉତ୍ସବ କମିଟି ସମ୍ପାଦକ ଅରୁଣ କୁମାର ସ୍ୱାଇଁଙ୍କ ସମେତ ଉପଦେଷ୍ଟା ମନୋଜ କୁମାର ଦାସ, ଉପ-ସଭାପତି ଶ୍ରୀକାନ୍ତ ବୁଗୁଡ଼ାଇ, କୋଷାଧକ୍ଷ ସୌର୍ଯ୍ୟସୁନ୍ଦର ସେନ, ସରୋଜ କୁମାର ଲେଙ୍କା, ବୀରେନ୍ଦ୍ର କୁମାର କର, ଧୀରଜ କୁମାର ମହାନ୍ତି, ମୋହିନୀ ମୋହନ ପରିଡ଼ା, ଅବିନାଶ କୁମାର ସ୍ୱାଇଁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିନଳୀରେ ଉପସ୍ଥିତ ଥଲେ।

## ମୟୁରଭଂଜର ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ

### କଳା ସଂସ୍କୃତିର ସୁରକ୍ଷା ପାଇଁ ଯୁବ ସମାଜ ସଜାଗ ହେବାର ଆବଶ୍ୟକତା ରହିଛି



ବାରିପଦା, ୧୯/୦୪ (ନି.ପ୍ର): ମୟୁରଭଂଜ ଜିଲାରେ ଅବଲୁପ୍ତ ପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଓ ଶ୍ରୀବୃଦ୍ଧି ପାଇଁ ବିଗତ ୨୦୦୩ ମସିହା ଠାରୁ ବାରିପଦାର ଅମ୍ବିକା ମନ୍ଦିର ନିକଟ ବୁଢ଼ାବଳଙ୍ଗ, ଚିପିଟ ଏବଂ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ଚଳିତ ବର୍ଷ ଏକବିଂଶ ତମ ମହୋତ୍ସବ ୧୮ ତାରିଖ ରାତିରେ ଉଦଯାପିତ ହୋଇ ଯାଇଛି। ବିଗତ ୩ବର୍ଷ ଧରି କରୋନା କଟକଣା କାରଣରୁ ମୋହତ୍ସବ ବଂଦ ରହିଥିବା ବେଳେ ଚଳିତ ବର୍ଷ ପୁଣି ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସର ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଉଦଯାପନୀ ଉତ୍ସବରେ ବଳାଙ୍ଗୀ ମହୋତ୍ସବ କମିଟିର ସଭାପତି ମୋରଡା ବିଧାୟକ ରାଜକିଶୋର ଦାସ ସଭାପତିତ୍ୱ କରିଥିବା ବେଳେ ମେଳାର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ. ମୁଖ୍ୟ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବରେ ବିଜେପି ର ପୂର୍ବତନ ଜିଲ୍ଲା ସଭାପତି ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର, ସାମ୍ବାଦିକ ସୌରଭ ପଟନାୟକ, ସମାଜସେବୀ ଗୌରଭ ମୋଦୀ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ମୁନିଲାଲ ମହାନ୍ତ ଯୋଗ ଦେଇ ମହୋତ୍ସବର ବାର୍ଷିକ ସ୍ମରଣୀକା ବଳାଙ୍ଗୀ ଉନ୍ମୋଚନ କରିବା ସହ ସାମ୍ପ୍ରତିକ ଅବକ୍ଷୟ ମୁଖି ସମାଜରେ କଳା ସଂସ୍କୃତିର ସୁରକ୍ଷା ପାଇଁ ଯୁବ ସମାଜ ସଜାଗ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ. ବାରିପଦାର ଜୀବନ ଧାରା କୁହାଯାଉଥିବା ବୁଢ଼ାବଳଙ୍ଗ ନଦୀ ବାଲିଶର୍ଯ୍ୟାରେ ଜିଲ୍ଲାର ଭାଷା ସାହିତ୍ୟ କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ପାଇଁ ଦୀର୍ଘ ୨୧ବର୍ଷ ଧରି ଚାଲି ଥିବା ଏହି ମହୋତ୍ସବ ଜିଲ୍ଲା ରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିପାରିଥିବାରୁ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇ ଥିଲେ. ମେଳା କମିଟିର ଅଧକ୍ଷ ଅରବିନ୍ଦ ଦାସ ମେଳା ଆୟୋଜନ ସମ୍ପର୍କ ରେ ଆଲୋଚନା କରିଥିବାବେଳ କୃତୀ ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ । ମଂଚ ରେ ଜିଲ୍ଲାର ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ଅର୍ଜନ କରିଥିବା ୧୫ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ର ଚମ୍ପିୟନ ଏବଂ ରନର୍ସଅପ ମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ସମ୍ବର୍ଦ୍ଧନା ପର୍ବ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ମେଳା କମିଟିର ଉପାଧ୍ୟକ୍ଷ ରାଜୀବ ରଂଜନ ସେନାପତି ସସ୍ତ୍ରୀକ ପ୍ରଭୁ ଅନନ୍ତ ନାରାୟଣଙ୍କ ପୂଜାରେ କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ, କମିଟିର ବରିଷ୍ଠ ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ଉଦୟନାଥ ଜେନା, ବଳରାମ ବେହେରା, ଗୋଲକ ମହାନ୍ତି, ଇନ୍ଦୁମତି ମହାନ୍ତି, ପିତାମ୍ବର ମଲ୍ଲିକ, ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ସଂସ୍କୃତି ସୈନିକ ସନତ ବାରିକ, କିଶୋର କୁମାର ମହାନ୍ତି, ଦେବାଶିଷ ଜିତ, ଜୟ ପ୍ରକାଶ ସିଂହ, ବିଭୁ ପ୍ରସାଦ ବେହେରା, ଦିଲ୍ଲୀପ କୁମାର ପାତ୍ର, ସଞ୍ଜୟ ନାଏକ, ଅମିତ କୁମାର, ପଦ୍ମନାଭ ମହାପାତ୍ର, ବାବୁଲା କୁମାର, ପ୍ରକାଶ ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ର ସୁପରିଚାଳନା କରିଥିଲେ. ଉଦଯାପନୀ ସନ୍ଧ୍ୟାରେ ସମ୍ବଲପୁରୀ, ଆଦିବାସୀ ନାଚ, ଏବଂ ଝୁମର ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଥିବା ବେଳେ ଉପସ୍ଥିତ ଦର୍ଶକ ଭରପୁର ମଜା ଉଠାଇଥିଲେ ।

## ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯/୦୪ (ନି.ପ୍ର): ଭୁବନେଶ୍ୱର ଡୁମୁଡୁମାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ଆଦର୍ଶ ମହିଳା ଭେଣ୍ଡିଂ ଜୋନ ଉଦ୍‌ଘାଟିତ ହୋଇଯାଇଛି। ଏହି ଭେଣ୍ଡିଂ ଜୋନ୍ ରେ ୪୨ଟି ଦୋକାନ ଘର ରହିଛି । ଏହି ଜୋନ୍ ର ପରିବେଶକୁ ଅତ୍ୟାଧୁନିକ ରୂପ ଦିଆଯାଇଛି । ସୁନ୍ଦର ଆଲୋକ ଓ ପାନୀୟ ଜଳ ର ବ୍ୟବସ୍ଥା ସହ ଶୌଚାଳୟର ସୁବିଧା ମଧ କରାଯାଇଛି । ବି.ଏମ୍.ସି. ପକ୍ଷରୁ ନିର୍ମିତ ଏହି ଭେଣ୍ଡିଂ ଜୋନ ଉଦ୍‌ଘାଟନ ଉତ୍ସବରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କର୍ପୋରେଟର ମାନେ ଉପସ୍ଥିତ ଥିଲେ ।

## ତିନି ବର୍ଷ ବିତିଲା, ମିଳିଲା ନାହିଁ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା କିମ୍ବା ଭତ୍ତା



ଉଦଳା, ୧୯/୦୪ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ତଳଖୁଂଟାପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମଂଟୁ ସୋରେନଙ୍କର ଆଜକୁ ୩ ବର୍ଷ ତଳେ ଦେହାନ୍ତ ହୋଇ ଯାଇଛି । ତାଙ୍କର ସହଧର୍ମିଣୀ ମିନତୀ ବିଧବା ଭତା ଟଙ୍କା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଗୁହାରୀ ଜଣାଇଥିଲେ ମଧ କେହି କର୍ଣ୍ଣପାତ କଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏପରିକି ସ୍ୱାମୀଙ୍କ ଦେହାନ୍ତ ସମୟରେ ଶବଦାହ ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ଯେଉଁ ଟଙ୍କା ମିଳିବା କଥା ତାହା ମଧ ମିଳିଲା ନାହିଁ ବୋଲି ଜଣାଇଛନ୍ତି । ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଜନତା ବନ୍ଧୁ ସଂଗଠନ ପକ୍ଷରୁ ସାଇବର ଠକଙ୍କ ପାଖରୁ କେମିତି ପାଇବେ ସୁରକ୍ଷା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବସ୍ତା, ୧୯/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଗାନ୍ଧିଛକ ବସ୍ତି ଠାରେ 'ଜନତା ବନ୍ଧୁ' ସଂଗଠନ ତରଫରୁ ବୃକ୍ଷ ରୋପଣ ଓ ସାଇବର ଠକଙ୍କ ପାଖରୁ କେମିତି ପାଇପାରିବେ ସୁରକ୍ଷା ସେହି ଦିଗରେ ବୁଧବାର ବାହାର୍ଦ୍ଦା ବସ୍ତି ଓ ଗାନ୍ଧିଛକ ଠାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ପୂର୍ବତନ ଅତିରିକ୍ତ ଏସପି ଅସିତ କୁମାର ମହାନ୍ତି ସମାଜସେବୀ ଚୈତନ ସାହୁ, ବୀଣାପାଣି ପରିଡା, ସାମ୍ବାଦିକ ରାମଚନ୍ଦ୍ର ଦ୍ୱେ, ସେକ କଲିମ, ସେକ ଦୀଲବର, ଏବଂ ସେହି ଅଞ୍ଚଳର ବାସିନ୍ଦା ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମ ଟିକୁ ଆଗକୁ ବଢ଼ାଇ ଥିଲେ କ୍ଷ ଏହି ଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା। ସମାଜସେବୀ ସୁକାନ୍ତି ଭକ୍ତା ଓ ସୁଶୀଲ ଭକ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ପାଇଲେ ରାଜ୍ୟପାଳ ପୁରସ୍କାର



ଭଦ୍ରକ, ୧୯/୦୪ (ନି.ପ୍ର): ଭଦ୍ରକ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡର ଉଲ୍ଲେଖନୀୟ ଅବଦାନ ପାଇଁ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ତଥା ସ୍କାଉଟ ଓ ଗାଇଡର ମୁଖ୍ୟ କମିଶନର କପିଳେନ୍ଦ୍ର ମିଶ୍ରଙ୍କୁ ମହାମହିମ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ରାଜଭବନ ପରିସରରେ ସ୍ମୃତ ଫଳକ ଓ ମାନପତ୍ର ଦେଇ ପୁରସ୍କୃତ କରିଛନ୍ତି। ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର ଶ୍ରୀଯୁକ୍ତ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ସ୍କାଉଟ ଜିଲ୍ଲା କମିଶନର ଅକ୍ଷୟ କୁମାର ହୋତା, ସଂଗଠନ କମିଶନର ଅଜୟ କୁମାର ନନ୍ଦ, ଟ୍ରେନିଂ କମିଶନର ବିପ୍ଳବ କୁମାର ପହି, ଗଦାଧର ସେନାପତି, ବିଜୟ ମିଶ୍ର, ଓଷ୍ଟା ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ଦାସ, ଗାଇଡ କ୍ୟାପଟେନ ଅମ୍ରିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ତରଫରୁ ଜିଲ୍ଲାପାଳଙ୍କୁ ଏକ ସ୍ମୃତି ଫଳକ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ଏହି ସଫଳତା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ଦୀପକ ପାଢ଼ୀ, ପ୍ରଣୟ ନାୟକ, ମାୟାଧର ସାହୁ, ସମସ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରାଥମିକ ଫେଡେରେସନର ମହାସଚିବ ଚାରୁଲତା ମହାପାତ୍ର ଓ ଓଷ୍ଟା ସମ୍ପାଦିକା ସୁରଜିତା ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## କମ୍ପ୍ୟୁଟର ପ୍ରଶିକ୍ଷଣ ସଚେତନତା ରଥ

ବାଲେଶ୍ୱର, ୧୯/୦୪ (ନି.ପ୍ର): ଓଡ଼ିଶା ନଲେଜ କର୍ପୋରେସନ ପକ୍ଷରୁ ଚାଲିଥିବା ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରମାଣପତ୍ର (ଓଏସ-ସିଆଟି) ସମ୍ପର୍କିତ ସଚେତନତା ରଥ ଆଇବିଟି କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଶୁଭାରମ୍ଭ ହୋଇଯାଇଛି । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏହି ରଥର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ଓକେସିଏଲ୍ ଦ୍ୱାରା ଅନୁମୋଦିତ ଓଏସ୍-ସିଆଟି ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷେତ୍ରରେ ଉପଯୋଗୀ ହୋଇପାରିବ ବୋଲି ପୌରାଧକ୍ଷା ଶ୍ରୀମତୀ ସାହୁ ଆଶା ପ୍ରକାଶ କରିଥିଲେ। ୩ ମାସିଆ କମ୍ପ୍ୟୁଟର ଶିକ୍ଷା ଅଭିଯାନରେ ସାମିଲ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଇବିଟି କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ହରେଶ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ଓଏସ-ସିଆଟି ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଇବିଟି ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସମେତ ପ୍ରଶିକ୍ଷକ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାଉଁଶକୁଳିରେ ବିଜେଡିର ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ : ୨୨୮ ୟୁନିଟ ରକ୍ତ ସଂଗ୍ରହ



ବସ୍ତା/ରାଜଘାଟ, ୧୯/୦୪ (ନି.ପ୍ର): ବସ୍ତା ବ୍ଲକ ପାଉଁଶକୁଳି ରାଧାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୁ ଜନତା ଦଳ ଆୟୋଜନ ରେ ଓଡ଼ିଶା ମୋ ପରିବାର ଏବଂ ଜିବନ ବିନ୍ଦୁ ପକ୍ଷରୁ ମେଗା ରକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୨୨୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ରକ୍ତ ଦାନ ଶିବିର କୁ ବସ୍ତା ପଞ୍ଚୟତ ସମିତି ଅଧକ୍ଷା ଅଞ୍ଜଳି ଦାସ ଓ ଜିଲା ପରିଷଦ ସଦସ୍ୟା। ଅନୁଦ୍ୱାର। ବିବି ମିଳିତ ଭାବେ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାର ଙ୍କ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ଜଳେଶ୍ୱର ପଞ୍ଚୟତ ସମିତି ଅଧକ୍ଷ ମାନସ ଜେନା, ବସ୍ତା ବିଜେଡି ଉପସଭାପତି ଅନାଦି ଦାସ,ବସ୍ତା ପଞ୍ଚୟତ ସମିତି ଉପାଧକ୍ଷ ଦୀଲ୍ଲିପ ଦାସ ମହାପାତ୍ର, ପାଉଁଶ କୁଳି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମନୋଜ କୁମାର ସାମଲ, ଜଳେଶ୍ୱର ପଞ୍ଚୟତ ସମିତି ଉପାଧକ୍ଷା ସଞ୍ଜିତା ସେନାପତି, ବସ୍ତା ପୂର୍ବତନ ପଞ୍ଚୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦେଶ ବଞ୍ଚାଅ-ସମ୍ବିଧାନ ବଞ୍ଚାଅ' ଅଭିମୁଖ୍ୟ ନେଇ ଏକଜୁଟ ବିଭିନ୍ନ ରାଜନୈତିକ ଦଳ

ବାଲେଶ୍ୱର, ୧୯/୦୪ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବିପଦମୁଖୀ ହୋଇଥିବା ଦେଶର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନେଇ ମିଳିତ ସ୍ୱର ଉତ୍ତୋଳନ ପାଇଁ ବାଲେଶ୍ୱର ଜିଲାର ବିଭିନ୍ନ ରାଜନୈତିକ ଦଳ ଏବେ ଏକଜୁଟ ହୋଇଛନ୍ତି। ଆସନ୍ତା୨୮ ତାରିଖରେ ଗାନ୍ଧୀସ୍ମୃତି ଭବନରେ ଏକ ଜିଲାସ୍ତରୀୟ କନଭେନସନ୍ ଆୟୋଜନ ହେବାକୁ ଯାଉଥିବା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ବିଶେଷ କରି କେନ୍ଦ୍ରର ବିଜେପି ସରକାର କ୍ଷମତାକୁ ଆସିବା ପରେ ଅର୍ଥନୀତି ଓ ସାମାଜିକ ପରିସ୍ଥିତି ଅତ୍ୟନ୍ତ ସଂକଟଗ୍ରସ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ସମ୍ବିଧାନ ଓ ଜନଗଣ ବିରୋଧୀ ନୀତିକୁ ବିରୋଧ କରୁଥିବା ବ୍ୟକ୍ତିତ୍ୱଙ୍କୁ 'ଦେଶଦ୍ରୋହ'ର ଆଖ୍ୟା ଦିଆଯାଉଛି। ଇ.ଡି. ଓ ସି.ବି.ଆଇ.କୁ ଲଗାଇ ବିରୋଧୀଙ୍କ କଣ୍ଠରୋଧ କରାଯାଉଛି। ବିଜେପି ବିରୋଧୀ ରାଜ୍ୟ ସରକାରଙ୍କୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିଭଳି ଅଦାଲତର ଦଣ୍ଡାଦେଶର ଆଳ ନେଇ ଗୋଟିଏ ଦିନ ମଧ୍ୟରେ ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦ ରଦ୍ଦ କରାଯିବା, ବିନା ଚାର୍ଜସିଟ୍‌ରେ ସି.ବି.ଆଇ ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀଙ୍କୁ ଜେଲ୍‌ରେ ରଖିବା, ଆଇ.ଟି. ରୁଲ୍‌ସରେ ସଂଶୋଧନ ଆଳରେ ସାମାଜିକ ଗଣମାଧ୍ୟମରେ କଣ୍ଠରୋଧ କରାଯିବା ଆଦି ନୀତି କେନ୍ଦ୍ରର ଫାଶୀବାଦୀ ବିଜେପି ସରକାରଙ୍କ ସ୍ୱରୂପକୁ ପଦାରେ ପକାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜନେତାମାନେ ଆରୋପ ଉଠାଇଛନ୍ତି। ରାଷ୍ଟ୍ରୀୟ ଉଦ୍ୟୋଗକୁ ଦେଶୀୟ ଓ ବିଦେଶୀ କମ୍ପାନୀକୁ ବିକ୍ରି କରି ଚାଲିଥିବା କେନ୍ଦ୍ର ସରକାର ଏବେ ପ୍ରଧାନମନ୍ତ୍ରୀଙ୍କ ବନ୍ଧୁ ଆଦାନୀ କଂପାନୀକୁ ସମସ୍ତ ସୁବିଧା ଯୋଗାଇ ଦେଉଛି। ହିଣ୍ଡନ୍‌ବର୍ଗ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି।ଏହି ଘଟଣାର ତଦନ୍ତ ପାଇଁ ବିରୋଧୀ ଦଳମାନଙ୍କ ପକ୍ଷରୁ ମିଳିତ ପାର୍ଲିଆମେଣ୍ଟାରୀ କମିଟି (ଜେପିସି) ଗଠନ ଦାବିକୁ କେନ୍ଦ୍ର ସରକାର ଖାତିର କରୁନାହାନ୍ତି। ଦରବୃଦ୍ଧି ସହ ବେକାରୀ ସମସ୍ୟା ହୁହୁ ହୋଇ ବଢ଼ିଚାଲିଥିବା ବେଳେ ଦେଶବାସୀଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଲୋକଙ୍କ ମଧ୍ୟରେ ଘୃଣା ଓ ସାଂପ୍ରଦାୟିକତାର ବିଷମଞ୍ଜି ବୁଣିଚାଲଛନ୍ତି ବୋଲି ରାଜନେତାମାନେ ଆରୋପ ଉଠାଇଛନ୍ତି। ଅନୁରୂପ ଭାବେ ରାଜ୍ୟର ବିଜେଡ଼ି ସରକାର କେନ୍ଦ୍ରର କୌଣସି ଜନବିରୋଧୀ ନୀତିକୁ ବିରୋଧ ପରିବର୍ତ୍ତେ ଓଡ଼ିଶାରେ ମିଛିମିଛିକା ବିଜେପିର ବିରୋଧୀ ବୋଲି ପ୍ରଚାର କରୁଛି। ବାଲେଶ୍ୱର ଜିଲାର ନିରପେକ୍ଷ ରାଜନୈତିକ ଦଳମାନେ ଏକାଠି ହୋଇ ଗଣ ଚେତନା ସୃଷ୍ଟି ପାଇଁ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍ ଆୟୋଜନ କରାଯାଉଛି ବୋଲି ସମ୍ମିଳିତ ରାଜନୈତିକ ନେତାମାନେ ସୂଚନା ଦେଇଛନ୍ତି। ଏହି ଗଣ କନଭେନସ୍‌ରେ ଆଲୋଚକ ଅତିଥି ଭାବେ ସାଂସଦ ସପ୍ତଗିରି ଉଲାକା, ଜନାର୍ଦ୍ଦନ ପତି, ଆଶିଷ କାନୁନ୍‌ଗୋ ଓ ନବଜ୍ୟୋତି ପଟ୍ଟନାୟକଙ୍କ ସମେତ ରାଜ୍ୟ ଓ ଜାତୀୟସ୍ତରର ନେତାମାନେ ଯୋଗଦେବାକୁ ସହମତି ପ୍ରକାଶ କରିଥିବା ବେଳେ ଏହାକୁ ସଫଳ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ରାଜନେତାମାନେ ନିବେଦନ କରିଛନ୍ତି।

## ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଖୋଲିବ ରାଇବଣିଆ ଗଡ ଗବେଷଣା କେନ୍ଦ୍ର

ଜଳେଶ୍ୱର, ୧୯/୪(ନି.ପ୍ର) : ରାଇବଣିଆ ଦୁର୍ଗ ସଂପର୍କରେ ଏକ ଗବେଷଣା କେନ୍ଦ୍ର ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବ ବୋଲି ଆଜି ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଂଗଠନର ପ୍ରତିନିଧି ମାନଙ୍କୁ କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରତିଶୃତି ଦେଇଛନ୍ତି । ଫଳରେ ରାଇବଣିଆ ଦୁର୍ଗ ସଂପର୍କରେ ଅନାଲୋଚିତ ତଥ୍ୟ ଓ ଧ୍ୱଂସ ମୁଖରେ ପତିତ କୀର୍ତ୍ତିରାଜିର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସଂଗଠନର ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର ସୂଚନା ଦେଇଛନ୍ତି । ରାଇବଣିଆ ଗଡ ଓଡିଶାର ଉପାନ୍ତ ଆଦିବାସୀ ଅଧ୍ୟୁସୀତ ଅଂଚଳରେ ଅବସ୍ଥିତ ହୋଇଥିଲେ ମଧ୍ୟ ଏକଦା ଏହା ପୂର୍ବ ଭାରତର ସର୍ବ ବୃହତ୍ ଦୁର୍ଗ ଭାବେ ପରିଚିତ ଥିଲା । ଫଳରେ ବହୁ ବଡ ବଡ ଯୁଦ୍ଧର କିମ୍ବଦନ୍ତୀ ରାଇବଣିଆ ଇତିହାସ ସହିତ ସଂପୃକ୍ତ। ଏହି ଦୁର୍ଗ ନେଇ ବହୁ ପୌରାଣିକ ଓ ଐତିହାସିକ ଲୋକକଥା ଓ ତଥ୍ୟ ଅଦ୍ୟାବଧି ରହିଛି । ଏ ସବୁ ଲାଗି ବ୍ୟାପକ ଗବେଷଣା ଆବଶ୍ୟକ ବୋଲି ଦୁର୍ଗ କମିଟିର ପ୍ରତିନିଧି ମାନଙ୍କୁ କୂଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି । ଆଜି ଉନ୍ନୟନ ସଂଗଠନର ଏକ ପ୍ରତିନିଧି ଦଳ ସମାଜସେବୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ କମିଟିର ସଭାପତି ପ୍ରଫୁଲ୍ଲ ସୁର, ସଂପାଦକ ଡ. ଶ୍ରୀକାନ୍ତ ପାତ୍ର, ନାରାୟଣ ପ୍ରସାଦ ଦାସ, ଆଦିକନ୍ଦ ପ୍ରଧାନ, ଚିତ୍ତରଂଜନ ରାଉତ, ହେମନ୍ତ ଗିରି, ରାହୁଲ ଗିରି ପ୍ରମୁଖ କୁଳପତିଙ୍କୁ ସାକ୍ଷାତ କରି ରାଇବଣିଆ ଗଡ ସଂପର୍କରେ ଏକ ଗବେଷଣା କେନ୍ଦ୍ର ଲାଗି ଅନୁରୋଧ କରିଥିଲେ । କୂଳପତି ପ୍ରଫେସର ତ୍ରିପାଠୀ ଏହି ଗବେଶଣା କେନ୍ଦ୍ର ପ୍ରତିଷ୍ଠା ସଂପର୍କରେ ପ୍ରତିଶୃତି ଦେଇଥିଲେ । ବିଶ୍ୟବିଦ୍ୟାଳୟର ଇତିହାସ, ନୃତତ୍ୱ ଓ ପତ୍ନତତ୍ୱ ବିଭାଗର ସହଯୋଗରେ ଏହି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି । ଅବଶ୍ୟ ଭାରତୀୟ ଜାତୀୟ କଳା, ସଂସ୍କୃତି ଓ ଐତିହ୍ୟ ଟ୍ରଷ୍ଟକୁ ମଧ୍ୟ ଏଥିରେ ସାମିଲ କରାଯିବାର ସେ ସୂଚନା ଦେଇଛନ୍ତି। ଏକ ଅଭିଜ୍ଞ ବୈଷୟିକ ଦଳ ରାଇବଣିଆ ଗସ୍ତ କରି ଦୁର୍ଗ ସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବେ । ମେ ୨ ତାରିଖରେ ଏହି ପ୍ରତିନିଧି ଦଳ ରାଇବଣିଆ ଆସିବା ପ୍ରାଥମିକ ସୂତ୍ରରୁ ଖବର ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo